## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୧।୮(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଗୁରୁବାର ଛଣମେରୀ ଗ୍ରାମର ଦିଲୀପ ବିଶୋୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ରାତି ପ୍ରାୟ ୮ଟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଡେଙ୍ଗାଓସ୍ତା ଗ୍ରାମ ନିକଟ ନିଛାଟିଆ ରାସ୍ତା କଡ଼ରେ ଠିଆ ହୋଇଥିବା ଦିଲୀପଙ୍କୁ ଅଟକାଇଥିଲେ। ସେ ଧରିଥିବା ବ୍ୟାଗ ଖାନତଲାସ କରିବାରୁ ସେଥିରେ ୧୬ ବିଦେଶୀ ମଦ ବୋତଲ ଥିବା ଜଣାପଡ଼ିଥିଲା। ଏଏସ୍‌ଆଇ ବି. ଲାଛମେୟା ରେଡ୍ଡୀଙ୍କ ଏତଲାକ୍ରମେ ମାମଲା ନଂ. ୧୩୮/୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଦିଲୀପ କୁମାର ସାହୁ ଜଣାଇଛନ୍ତି।

### କମ୍ପାନୀ ଟଙ୍କା ପୈଠ ନ କରି ଫିଲ୍ଡ ଅଫିସର ଗିରଫ

**ଗୋପାଳପୁର,୧।୮:** ଗୋଟିଏ କମ୍ପାନୀର ଟଙ୍କା ଠିକ୍ ସମୟରେ ପୈଠ ନ କରିବା ଅଭିଯୋଗରେ ଫିଲ୍ଡ ଅଫିସରଙ୍କୁ ଗୋପାଳପୁର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ବୈକୁଣ୍ଠନଗର ଅଞ୍ଚଳର ଗିରିଜା ଶଙ୍କର ପ୍ରଧାନ। ଗୋପାଳପୁର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍କାଇ ଅଟୋ ମୋବାଇଲରେ ଗିରିଜା ଫିଲ୍ଡ ଅଫିସର ଥିଲେ। କାର କିଣିଥିବା ଲୋକଙ୍କ ଠାରୁ ସେ ଟଙ୍କା ସଂଗ୍ରହ କରି ଅଟୋ ମୋବାଇଲରେ ଠିକ ସମୟରେ ପୈଠ କରୁ ନ ଥିଲେ। ଜାନୁୟାରୀ ୨୦ ତାରିଖରେ ଗିରିଜା ୨ ଲକ୍ଷ ୩୬ ହଜାର ଟଙ୍କା ଅଟୋ ମୋବାଇଲରେ ପୈଠ କରି ନ ଥିବା ନେଇ ଶାଖା ପରିଚାଳକ ଅମିତ ଗର୍ଗ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୯/୧୯ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗୋପାଳପୁର ଅଞ୍ଚଳରେ ଗିରିଜା ବୁଲୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଗୁରୁବାର ପୂର୍ବାହ୍ନରେ ପୋଲିସ ତାଙ୍କୁ କାବୁ କରିଥିଲା। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ନଦୀରେ ବୁଡ଼ି ଗୋରୁ ଚରାଳି ମୃତ

**କବିସୂର୍ଯ୍ୟନଗର,୧।୮:** ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ସାନଚଢ଼ିଆପଡ଼ା ଗ୍ରାମର ହୀନ ନାୟକ (୬୫)। ମୃତକଙ୍କ ଭାଇ ଦିଗାମ୍ବର ନାୟକ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୦/୧୯ ରୁଜୁ କରଛି। ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇ ଥିବା ଏଏସଆଇ ପଟ୍ଟନାୟକ ସୂଚନା ଦେଇଛନ୍ତି।ଗୁରୁବାର ସକାଳେ ଗାଧୋଇବାକୁ ନଦୀକୁ ଯାଇ ଅସାବଧାନତା ହେତୁ ଖସି ପଡ଼ିଥିଲେ। ଗ୍ରାମବାସୀ ଉଦ୍ଧାର କରିବା ପୂର୍ବରୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

### ଜୁଆ ଆଡ୍ଡାରେ ଚଢ଼ାଉ: ୯ ଗିରଫ

**ଆସିକା,୧।୮(ଡି.ଏନ୍.ଏ.):** ଆସିକା ଏନଏସି କଳିଙ୍ଗା ରୋଡସ୍ଥିତ ଏକ ଇଞ୍ଜିନିୟରିଂ ୱାର୍କ ଶପରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଗୁରୁବାର ଅପରାହ୍ନରେ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ଏଥିସହ ସେଠାରୁ ୩୦,୩୩୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଆସିକା ଅଞ୍ଚଳର। ସେମାନଙ୍କ ମଧ୍ୟରେ ଗାଡ଼ି ମାଲିକ ଓ ବ୍ୟବସାୟୀ ଅଛନ୍ତି। ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ କୌଣସି ସୂତ୍ରରୁ ଖବରପାଇ ଏହି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

### ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

**କବିସୂର୍ଯ୍ୟନଗର,୧।୮:** ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଏନଏସି ୧୬ ନଂ. ୱାର୍ଡ ବନଦେବୀ ପାଟଣାର ଦିବାକର ରାଉଳ (୫୫)। ଦିବାକର ଜଣଙ୍କ ଘର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଛାତ ପାଇଁ ଛଡ଼ ପକାଯାଉଥିବା ବେଳେ ଘର ଉପର ଦେଇ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ଦିବାକର ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଏସଆଇ ଅର୍ଜୁନ କଅଁର ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଅପମୃତ୍ୟୁ ମାମଲା ୧୧/୧୯ ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ■ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ପାଳିରେ ଆସୁଛନ୍ତି ଡାକ୍ତର, ଅସୁବିଧା ଭୋଗୁଛନ୍ତି ରୋଗୀ

**ଶିବପ୍ରସାଦ ସାହୁ**
**ପୋଲସରା,୧।୮(ଡି.ଏନ.ଏ.)**



ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ପୋଲସରା ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତବାସୀଙ୍କ ସମେତ ଆଖପାଖ କୋଦଳା, ଖଲ୍ଲିକୋଟ, ବେଗୁନିଆପଡ଼ା ଓ ବୁଗୁଡ଼ା ଆଦି ଅଞ୍ଚଳରୁ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ହେଲେ ଏଠାରେ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କେତେଜଣ ଅନଭିଜ୍ଞ ଡାକ୍ତରଙ୍କ ଇସାରାରେ ଔଷଧ ଦୋକାନୀମାନେ ଅସ୍ଥାୟୀ କ୍ଲିନିକ ଖୋଲି ରୋଗୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି।

ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ରୋଗୀ ଆସୁଛନ୍ତି। ଏଠାରେ ୭ ବିଶେଷଜ୍ଞ ଡାକ୍ତର ରହିବା ବଦଳରେ ଅଛନ୍ତି ମାତ୍ର ୩। ସେମାନେ ମଧ୍ୟ ପାଳି କରି ଆସୁଥିବା ଦେଖାଯାଇଛି। ଫଳରେ ଘଣ୍ଟା ଘଣ୍ଟା ଧରି ରୋଗୀ ଓ ସମ୍ପର୍କୀୟମାନେ ଅପେକ୍ଷା କରି ରହୁଛନ୍ତି। ଏହା ରୋଗୀଙ୍କ ଯନ୍ତ୍ରଣାକୁ ଦୁଇ ଗୁଣା କରି ଦେଉଥିବା ଅଭିଯୋଗ କରିଛନ୍ତି ସମ୍ପର୍କୀୟମାନେ। ପୋଲସରାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବୁଗୁଡ଼ା ଗୋଷ୍ଠୀ ଚିକିତ୍ସା ଅଧିକାରୀ ଗୋପବନ୍ଧୁ ବେହେରା ଅତିରିକ୍ତ ଦାୟିତ୍ୱରେ ଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ମେଡ଼ିସିନ ଓ ସର୍ଜରି ବିଶେଷଜ୍ଞ ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଛି। ରୋଗୀଙ୍କ ବିଭିନ୍ନ ପରୀକ୍ଷା କରିବା ପାଇଁ ଏଠାରେ ମେଶିନ ସବୁ ଅଛି। ହେଲେ ସେସବୁ ଚଳାଇବା ପାଇଁ ଅଭିଜ୍ଞ ଡାକ୍ତର କିମ୍ବା ଟେକ୍ନିସିଆନ୍ ନାହାନ୍ତି। ସେହିପରି ରକ୍ତ ଭଣ୍ଡାର ଥାଇ ବି କାହା କାମରେ ଲାଗୁନି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆଉଟଡୋର ଓ ଇନଡୋର ଆଗରେ ଲମ୍ବା ଲାଇନ ଲାଗୁଛି। କେବେ କେବେ ପ୍ରଥମେ ଡାକ୍ତର ପରାମର୍ଶ ପାଇଁ ଧାଡ଼ିରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ରୋଗୀଙ୍କ ଦୁଃଖ ଯନ୍ତ୍ରଣା ବୁଝିବାକୁ କେହିନାହାଁ। ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ନୂତନ କୋଠା ମଧ୍ୟ ନିର୍ମାଣ କରାଯାଇଥିଲା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ବି ନଷ୍ଟ ହେବାକୁ ବସିଲାଣି। ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇ ନ ଥିବା ଯୋଗୁ ସାଧାରଣ ରୋଗୀ ମଧ୍ୟ ଅନ୍ୟ ଡାକ୍ତରଖାନା ଓ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଆରମ୍ଭ ହେଲା ପ୍ରାଥମିକ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

**ଫୁଲବାଣୀ ଅଫିସ,୧।୮**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୧ ମସିହାରୁ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସମସ୍ତ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସେମାନଙ୍କ ଅଞ୍ଚଳର ସ୍କୁଲରେ ନିଯୁକ୍ତ ଥିବା ଶିକ୍ଷକମାନଙ୍କ ଶିକ୍ଷାଗତ ଓ ଜାତିଗତ ପ୍ରମାଣପତ୍ର ଯାଞ୍ଚ କରି ରିପୋର୍ଟ ଦେବେ। ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ଯାଞ୍ଚ ଶେଷ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କନ୍ଧମାଳ ଜିଲାରେ ୨୦୧୧ ମସିହାରେ ୫୫୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ୨୦୧୨ରେ ୫୦୫, ୨୦୧୫ ମସିହାରେ ୧୯୦ ଏବଂ ୨୦୧୮ ମସିହାରେ ୨୭୦ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଯାଞ୍ଚ ଆରମ୍ଭ ହୋଇଥିବାରୁ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଶିକ୍ଷକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଯାଞ୍ଚ ଅଧିକାରୀ ବିଇଓ, ସିଆରସିସିଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଖରଖରୀରେ ଭାସିଗଲା ଉଠା ସେଚ ପ୍ରକଳ୍ପ ମୋଟର


ଚାଷୀମାନେ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି ।

**ଛତ୍ରପୁର,୧।୮(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ସନ୍ତୋଷପୁରଠାରୁ ବରପଲ୍ଲୀ ପର୍ଯ୍ୟନ୍ତ ଖରଖରୀ ନଦୀ ଉପରେ ବ୍ରିଜ୍ ନିର୍ମାଣ ଚାଲିଛି। ଏହାର ନିର୍ମାଣରେ ବିଳମ୍ବ ହୋଇଛି। ଅପରପକ୍ଷରେ ବ୍ରିଜ୍ ନିର୍ମାଣ ପାଇଁ ଘାଇ ବନ୍ଧାଇ ରଖାଯାଇଥିଲା। ବର୍ଷା ହେବାରୁ ଖରଖରୀ ନଦୀରେ ପ୍ରବଳ ପାଣି ଆସିବା ପରେ ବ୍ରିଜ୍ ନିକଟରେ ଥିବା ଉଠା ଜଳସେଚନ ପ୍ରକଳ୍ପ ୫ ନମ୍ବର ପୁନାଦି ଉପରେ ବସିଥିବା ମୋଟର ନଦୀକୁ ଖସିଗଲା। ଫଳରେ ଗରୀବ ଚାଷୀମାନେ ଧାନ ରୁଆ ବେଉସା କରିବା ପାଇଁ ଚାହିଁ ବସିଥିବା ବେଳେ ମୋଟରଟି ଖରଖରୀକୁ ଭାସିଯାଇଛି। ଚାଷୀ ମାନେ ବ୍ରିଜ୍ କଣ୍ଟ୍ରାକ୍ଟରଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ବନ୍ଧାଇ ରଖିଥିବା ଘାଇ ଭାଙ୍ଗିଲେ ନାହିଁ କିମ୍ବା ବ୍ରିଜ୍ କାମ କଲେ ନାହିଁ। ଫଳରେ ଏପରି କ୍ଷତି ହୋଇଥିବା ଚାଷୀମାନେ କହିଛନ୍ତି। ଗୁରୁବାର ଏମାନେ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାସିଯାଇଥିବା ପୁନାଦି ଓ ମୋଟର ବସାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଜିଲପାଳଙ୍କୁ ଏମାନେ ଅନୁରୋଧ କରିଥିଲେ।

### ବନ୍ଧୁକ ଦେଖାଇ ମହିଳା ଏଜେଣ୍ଟଙ୍କଠାରୁ ଲୁଟ୍

**ଆସିକା,୧।୮(ଡି.ଏନ୍.ଏ.)**

ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଈ ପଲ୍ଲୀମାଳ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ ମହିଳା ଏଜେଣ୍ଟଙ୍କଠାରୁ ଲୁଟ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଆସିକାସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସର ଏଜେଣ୍ଟ ତଥା ଖୋର୍ଦ୍ଧା ଜିଲା ନାରୁଣୀ ଅଞ୍ଚଳର ରୋଜି ବାରିକଙ୍କଠାରୁ ୧ଲକ୍ଷ ୪୮ ହଜାର ଟଙ୍କା ଲୁଟି ନେଇଛନ୍ତି। ରୋଜି ଭେଟନଈ ଅଞ୍ଚଳର ଜମାକାରୀଙ୍କଠାରୁ ଟଙ୍କା ସଂଗ୍ରହ କରି ସ୍କୁଟିରେ ଆସିକା ଫେରୁଥିଲେ। ୩ ଜଣ ଲୁଟେରା ପଲ୍ଲୀମାଳ ନିକଟରେ ରୋଜିଙ୍କୁ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ଲୁଟି ଚମ୍ପଟ ମାରିଥିଲେ। ଏ ନେଇ ରୋଜି ଆସିକା ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ତେବେ ଲୁଟେରାଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୂଚନା ମିଳିନାହିଁ। ସୂଚନାଯୋଗ୍ୟ, ଜୁଲାଇ ୬ରେ ଆସିକା ଥାନା ଅନ୍ତର୍ଗତ ଦେବଭୂମୀ-ରିଷିପୁର ରାସ୍ତାରେ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଜଣେ ଏଜେଣ୍ଟ ଅଜିତ କୁମାର ସାହୁଙ୍କ ଠାରୁ ୨ଲକ୍ଷ ୪୭ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସୁରାକ ପାଇନି।

### ଶିଶୁ ଶ୍ରମିକ ଉଦ୍ଧାର

**ଆସିକା,୧।୮(ଡି.ଏନ୍.ଏ.)**

ଆସିକା ପୋଲିସ ପକ୍ଷରୁ ଗୁରୁବାର ଆସିକା ସହରାଞ୍ଚଳରେ ଚଢ଼ାଉ କରାଯାଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ୯ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଏମାନେ ସହରର ବିଭିନ୍ନ ଢାବା ହୋଟେଲ ଓ ତେଜରାତି ଦୋକାନରେ କାମ କରୁଥିଲେ। ଉଦ୍ଧାର ନାବାଳକଙ୍କୁ ସେମାନଙ୍କ ପରିବାର ଜିମା ଦିଆଯାଇଥିବା ବେଳେ ପ୍ରାପ୍ତବୟସ୍କ ନ ହେବା ଯାଏ ନାବାଳକଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବାକୁ ପରାମର୍ଶ ଦିଆଯାଇଛି।

## ■ ମହଙ୍ଗା ପଡ଼ିଲା ଗଣ୍ଡଗୋଳ

# କବିସୂର୍ଯ୍ୟନଗର ବ୍ଲକ ପିଇଓ ନିଲମ୍ବିତ

**ଛତ୍ରପୁର,୧।୮(ଡି.ଏନ.ଏ.)**


ନିଲମ୍ବନ ଅର୍ଡର।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ) ଡି. ସନ୍ତୋଷ ପ୍ରଧାନଙ୍କୁ ଗଞ୍ଜାମ ଜିଲାପାଳ ବୁଧବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ମଦ୍ୟପାନ କରି କବିସୂର୍ଯ୍ୟନଗର ବ୍ଲକ ପରିସରରେ ଗଣ୍ଡଗୋଳ କରିବା ଓ କର୍ମଚାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ପରେ ସେ ସଦରମହକୁମା ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିଦିନ ରିପୋର୍ଟ କରି କାର୍ଯ୍ୟଦିବସରେ ସେଠାରେ ଉପସ୍ଥାନ ଦର୍ଶାଇବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଚାକିରୀ ସର୍ତ୍ତାବଳୀ ଓଡ଼ିଶା ସର୍ଭିସ କୋଡ ୧୯୬୨ ରୁଲ୍ ୯୦ ଅନୁଯାୟୀ ତାଙ୍କର ମାସିକ ଦେୟ ନିର୍ଦ୍ଧାରଣ ପୂର୍ବକ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏଥିସହ ତାଙ୍କ ବିରୋଧରେ ପୃଥକ୍ ପୃଥକ୍ ଡ୍ରାଫ୍ ଚାର୍ଜ ପ୍ରସ୍ତୁତ କରି ୭ ଦିନ ମଧ୍ୟରେ ଦାଖଲ କରିବାକୁ କବିସୂର୍ଯ୍ୟନଗର ବିଡିଓ ଓ ସୋରଡା ବିଡିଓଙ୍କୁ ଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସେ ସୋରଡା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

## ■ ବ୍ୟାଙ୍କ ଶାଖା ପରିଚାଳକ କହି ଠକେଇ

# ଅନଲାଇନରେ ଆକାଉଣ୍ଟରୁ ଟଙ୍କା ଗାଏବ

**ବୁଗୁଡ଼ା,୧।୮(ଡି.ଏନ.ଏ.)**


ସନ୍ତୋଷ କୁମାର ଗୌଡ଼।

ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗି ଗ୍ରାମର ଜଣେ ଯୁବକଙ୍କ ଆକାଉଣ୍ଟରୁ ଅନଲାଇନରେ ଟଙ୍କା ଲୁଟ ହୋଇଛି। ମୋବାଇଲ ଫୋନରେ ଜଣେ ଦୁର୍ବୃତ୍ତ ନିଜକୁ ବ୍ୟାଙ୍କ ଶାଖା ପରିଚାଳକ କହି ତଥ୍ୟ ନେଇ ଟଙ୍କା ହଡ଼ପ କରିଛନ୍ତି। ଠକାମିର ଶିକାର ହୋଇଥିବା ସନ୍ତୋଷ କୁମାର ଗୌଡ଼ ଗୁରୁବାର ଏ ନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସନ୍ତୋଷ ପୂର୍ବରୁ କରଚୁଲିସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ତାଙ୍କର ଜମା ଖାତାକୁ ଆଧାର ଲିଙ୍କ କରିବା ସକାଶେ ଦୁଇଥର ଆବଶ୍ୟକ ତଥ୍ୟ ଦେଇ ଆସିଥିଲେ ସୁଦ୍ଧା ତାହା ସଫଳ ହୋଇ ନ ଥିଲା। ମଙ୍ଗଳବାର ସନ୍ତୋଷଙ୍କ ମୋବାଇଲ ଫୋନକୁ ୮୦୨୦୧୧୫୩୯୧ ଫୋନରୁ ଏକ କଲ ଆସିଥିଲା। କେହି ଜଣେ ନିଜକୁ କରଚୁଲି ବ୍ୟାଙ୍କ ଶାଖା ପରିଚାଳକ ପରିଚୟ ଦେଇ ବାର୍ତ୍ତାଳାପ ମାଧ୍ୟମରେ ସନ୍ତୋଷଙ୍କ ଜମାଖାତାକୁ ଆଧାର ଲିଙ୍କ କରିବା ପାଇଁ ଆଧାର ନମ୍ବର ଓ ଏଟିଏମ ନମ୍ବର ମାଗି ନେଇଥିଲେ। ପରେ ଆକାଉଣ୍ଟରୁ ୯୯୯୮.୧୦ ଟଙ୍କା ଲେଖାଏ ୨ ଥର କଟିଥିବା ସନ୍ତୋଷ ଜାଣିବାକୁ ପାଇଥିଲେ। ଏ ନେଇ ସେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅଭିଯୋଗ କରିବା ସହ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## ବିସ୍ଫୋରକ ସାମଗ୍ରୀ ଜବତ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧।୮(ଡି.ଏନ.ଏ.)**

ପାଟପୁର ପୋଲିସ ଗୁରୁବାର ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ରଜନୀକାନ୍ତ ପଣ୍ଡାଙ୍କୁ ଥାନା ମାମଲା ନଂ ୧୫୩/୧୯ ଦଫା ୨୮୬ ଆଇପିସି ଏବଂ ବିସ୍ଫୋରକ ନିରୋଧ ଆଇନର ଧାରା ୪, ୫ ଓ ୬ ଅନୁଯାୟୀ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ତହସିଲ ଭୀଷ୍ମଗିରି ରାଜସ୍ୱ ସର୍କଲ ପାଟପୁର ଥାନା ଅଧୀନ ବାବୁଲିବନ୍ଧ ମୌଜାରେ ଥିବା ମହୁଲ ପାହାଡ଼ ପଥରକ୍ୱାରିରେ ବେଆଇନ ଭାବେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବିସ୍ଫୋରଣ କରାଯାଇଥିଲା। କମ୍ପ୍ରେସର ମେଶିନ ଜରିଆରେ ଉଚ୍ଚ କ୍ଷମତା ସମ୍ପନ୍ନ ଡିଟୋନେଟର ଡିନାମାଇଟ ଭଳି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫଟା ଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପରେ ପାଟପୁର ପୋଲିସ ପକ୍ଷରୁ ପଥରକ୍ୱାରୀରେ ଅତର୍କିତ ଚଢ଼ାଉ କରାଯାଇଥିଲା। ପଥର ଫୁଟା କାର୍ଯ୍ୟରେ ସମ୍ପୃକ୍ତ ଥିବା ରଜନୀଙ୍କୁ ପୋଲିସ ପୋଲିସ ଅଟକ ରଖି ଖାନତଲାସ କରିବାରୁ ତାଙ୍କ ନିକଟରୁ ୫ ଲିଟର ଡିଜେଲ, ଫ୍ୟୁଜ୍ ତାର, ଶାବଳ, କୋଡ଼ି ଓ ହାତୁଡ଼ି ପ୍ରଭୃତି ବିସ୍ଫୋରଣରେ ବ୍ୟବହୃତ ସାମଗ୍ରୀ ମିଳିଥିଲା। ଏଏସ୍‌ଆଇ ସୀମାଞ୍ଚଳ ଜେନାଙ୍କ ଏତଲାକ୍ରମେ ଆଇଆଇସି ରମେଶ କୁମାର ପ୍ରଧାନ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ।

## ଜିଲା ସବ୍‌ରେଜିଷ୍ଟ୍ରାର ଅଫିସରେ ଇ-ଷ୍ଟାମ୍ପିଙ୍ଗ୍‌ର ଶୁଭାରମ୍ଭ

**ଛତ୍ରପୁର,୧।୮(ଡି.ଏନ.ଏ.)**

ଛତ୍ରପୁର ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଇ-ଷ୍ଟାମ୍ପିଙ୍ଗ୍ ବିକ୍ରୟ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ଆଇଜିଆର୍ (ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ) ପ୍ରଶାନ୍ତ କୁମାର ସେନାପତି ଉଦ୍‌ଘାଟନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡେପୁଟି ଆଇଜିଆର୍ ଦେବ ରଞ୍ଜନ ମହାନ୍ତି, ଇ-ଷ୍ଟାମ୍ପିଙ୍ଗ୍‌ର ରିଜିଓନାଲ ମ୍ୟାନେଜର କୈସିକ ଭଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଣିକି ଦଲିଲ୍ ପଞ୍ଜୀକୃତ କରିବା ପାଇଁ ଇ-ଷ୍ଟାମ୍ପିଙ୍ଗ ବ୍ୟବସ୍ଥାର ବ୍ୟବହାର କରାଯିବ।


ଆଇଜିଆର୍ ଶୁଭାରମ୍ଭ କରାଯାଉଛି।

## ■ ଜାତୀୟ କୃମି ନାଶକ ଦିବସ ପାଳନ ପ୍ରସ୍ତୁତି

# ୨୨ ବ୍ଲକ ସହ ଭିଡିଓ କନଫରେନ୍ସିଂ

**ଛତ୍ରପୁର,୧।୮(ଡି.ଏନ.ଏ.)**


ଭିଡିଓ କନଫରେନ୍ସିଂ।

ଆସନ୍ତା ୮ ତାରିଖରେ ଜାତୀୟ କୃମି ନାଶକ ଦିବସ। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ୨୨ ବ୍ଲକ କାର୍ଯ୍ୟାଳୟ ସହ ଛତ୍ରପୁରରେ ଭିଡିଓ କନଫରେନ୍ସି ଜରିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପାଣିଗ୍ରାହୀ, ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ, ଶକ୍ତି କୁମାର ଦିଗାଲ ପ୍ରମୁଖ ଛତ୍ରପୁରସ୍ଥିତ ଓସୱାସ୍‌ଠାରେ ଉପସ୍ଥିତ ଥିବା ବେଳେ ସମସ୍ତ ବ୍ଲକରେ ବିଡିଓ, ସିଡିପିଓ ମେଡ଼ିକାଲ ଅଫିସର ଓ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସବୁ ବିଭାଗ ମଧ୍ୟରେ ସମନ୍ୱୟ ରଖି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲାପାଳ କହିଥିଲେ। ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ଏନେଇ ସଚେତନ କରିବା ସହ ଶିକ୍ଷକମାନଙ୍କୁ ଏନେଇ ତାଲିମ ଦିଆଯିବ। ବ୍ଲକସ୍ତରରେ ୩ ତାରିଖ ସୁଦ୍ଧା ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହେବ। ୫ ତାରିଖ ସୁଦ୍ଧା ତାଲିମ ସରିବ। ସ୍କୁଲ ଅଭିଭାବକ କମିଟିକୁ ମଧ୍ୟ ସାମିଲ କରାଯିବ। ୧ ବର୍ଷରୁ ୧୦ ବର୍ଷର ପିଲାଙ୍କୁ କୃମି ନାଶକ ବଟିକା ବଣ୍ଟନ କରାଯିବ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ସାମୁହିକ କୁଙ୍କୁମାର୍ଚ୍ଚନା। ସ୍ଥାନ-ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ । ସମୟ-ସକାଳ ୯ଟା ।
- ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ କର୍ମଶାଳା। ସ୍ଥାନ-କୁଇନ୍ ଅଫ୍ ଦି ମିଶନ୍ ଉଚ୍ଚ ବିଦ୍ୟାଳୟ । ସମୟ-ପୂର୍ବାହ୍ନ ୧୧ଟା ।
- ଶ୍ରମ ଆଇନ୍ ସଂଶୋଧନ ବିରୋଧରେ ବିକ୍ଷୋଭ। ସ୍ଥାନ-ଇପିଏଫ୍ କାର୍ଯ୍ୟାଳୟ, ପାୟଲ୍ ହଲ୍ ନିକଟ ।ସମୟ-ପୂର୍ବାହ୍ନ ସାଢ଼େ ୧୧ଟା ।
- ଶ୍ରୀ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇନାଥଙ୍କ ବାର୍ଷିକ ଉତ୍ସବ। ସ୍ଥାନ-ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରାସ୍ତା । ସମୟ- ଅପରାହ୍ନ ଗୋଟାଏ ।

## କାର୍‌ଗିଲ୍ ବିଜୟ ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୧।୮:** ଡେକାନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ. ସରୋଜ କୁମାର ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ । ଯୁକ୍ତ ୨ କଳାର ଉଭୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇଥିଲେ । ଅଧ୍ୟାପକ ଡ. ମାନସ ରଞ୍ଜନ ପଟ୍ଟନାୟକ, ଡ. ଦେବବ୍ରତ ପାଢ଼ୀ, ଉମାଶଙ୍କର ପ୍ରଧାନ, ଡ. ମମତା କୁମାରୀ ପାଣିଗ୍ରାହୀ ଭାଗନେଇ କାରଗିଲ୍ ଯୁଦ୍ଧରେ ଭାରତର ବିଜୟ ଗାଥା ଏବଂ ଶହୀଦ୍‌ମାନଙ୍କ ସାହସକୁ ମନେ ପକାଇଥିଲେ । ସଭା ପରେ ଛାତ୍ରୀଛାତ୍ରମାନେ କ୍ୟାମ୍ପସ ସଫା କରିଥିଲେ । ଶେଷରେ ରୋଭର୍ ସ୍କାଉଟ୍ ଲିଡର୍ ମହାଦେବ ରଥ ଧନ୍ୟବାଦ ଦେଇଥିଲେ ।

## ରାମଲିଙ୍ଗ ଚୌଡ଼େଶ୍ୱରୀଙ୍କ ବାର୍ଷିକ ଉତ୍ସବ

**ବ୍ରହ୍ମପୁର ଅଫିସ୍,୧।୮:** ମାର୍ତ୍ତାପେଟାସ୍ଥିତ ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ରାମଲିଙ୍ଗ ଚୌଡ଼େଶ୍ୱରୀ ମା'ଙ୍କ ଦେବସ୍ଥାନର ୪୦ତମ ବାର୍ଷିକ ଉତ୍ସବ ଗୁରୁବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ପ୍ରାତଃହରେ ପଞ୍ଚାମୃତ ଅଭିଷେକ, ନିଜରୂପ ଦର୍ଶନ, ମହାପୂଜା ସହ ଦେବୀହୋମ କରାଯାଇଥିଲା । ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ସନ୍ଧ୍ୟାରେ ଅର୍ଚ୍ଚନା, ଆରତି ଏବଂ ତୀର୍ଥ, ପ୍ରସାଦ ବିତରଣ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହେବ ।

■ ଗଞ୍ଜାମ, ଗଜପତି ଜିଲାର ଖରିଫ ଧାନଚାଷ

# ବିସିସି ବ୍ୟାଙ୍କ କୃଷିଋଣ ପ୍ରଦାନ କରିଛି ୨୦୭.୧୭ କୋଟି

**ବ୍ରହ୍ମପୁର ଅଫିସ,୧।୮**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷ ଖରିଫ ଧାନ ଚାଷ ନିମନ୍ତେ କୃଷିଋଣ ପ୍ରଦାନ ଜୁଲାଇ ୩୧ରେ ଶେଷ ହୋଇଛି । ଏହି ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲାର ୨୫୧ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଜରିଆରେ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ ୬୩ ହଜାର ୫୯୦ ଚାଷୀ ସଭ୍ୟଙ୍କୁ ୨୦୭.୧୭ କୋଟି ଟଙ୍କା ଋଣ ଲଗାଣ କରାଯାଇଛି। ଅନ୍ୟପକ୍ଷରେ କୃଷିଋଣ ନେବା ପାଇଁ ବାଧ୍ୟତାମୂଳକ ହୋଇଥିବା ପ୍ରଧାନମନ୍ତ୍ରୀ (ପିଏମ୍) ଫସଲ ବୀମା ସମୟ ସୀମା ମଧ୍ୟ ଗତ ବୁଧବାର ସରିଯାଇଛି ।

ବିସିସି ବ୍ୟାଙ୍କ ୨୦୧୯-୨୦ ବର୍ଷରେ ୨୪୫ କୋଟି କୃଷିଋଣ ପ୍ରଦାନ ପାଇଁ ରାଜ୍ୟ ସରକାର ଟାର୍ଗେଟ ଦେଇଥିଲେ। ତେବେ ୩୮ କୋଟି ବଳକା ରହିଛି। ଧାନଚାଷ ନିମନ୍ତେ ଋଣ ପ୍ରଦାନ ଶେଷ ହୋଇଥିଲେ ମଧ୍ୟ ଅଣଧାନ ଫସଲ ନିମନ୍ତେ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ କୃଷିଋଣ ଦିଆଯିବାର ବ୍ୟବସ୍ଥା ଥିବାରୁ ସରକାରୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଯିବାର ବ୍ୟାଙ୍କ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚାଇଛନ୍ତି।

ସମ୍ପାଦକଙ୍କ କହିବାନୁସାରେ, ଗଞ୍ଜାମ ଜିଲାରେ ଥିବା ବ୍ୟାଙ୍କର ୧୩ ଶାଖା ଅଧୀନ ୨୦୬ ଏବଂ ଗଜପତି ଜିଲାର ୪ ଶାଖା ଅଧୀନରେ ୫୦ ସୋସାଇଟି ଓ ଲ୍ୟାମ୍ପସ୍ ଅଛି । ଗଞ୍ଜାମ ପାଇଁ ୨୦୫ ଏବଂ ଗଜପତି ନିମନ୍ତେ ୪୦ କୋଟି କୃଷିଋଣ ପ୍ରଦାନ ଲାଗି ସରକାରୀ ନିର୍ଦ୍ଦେଶ ଥିଲା। ତେବେ ଗଜପତି ଜିଲାରେ ୩୩ କୋଟି ୨୩ ଲକ୍ଷ ୧୩ ହଜାର ଟଙ୍କା ୮୧୮୧ ଚାଷୀଙ୍କୁ କୃଷିଋଣ ଦିଆଯାଇଥିବା ବେଳେ ଗଞ୍ଜାମ ଜିଲାରେ ୫୫,୪୦୯ ଚାଷୀ ସଭ୍ୟଙ୍କୁ ୧୭୩ କୋଟି ୯୪ ଲକ୍ଷ ୦୯ ହଜାର ଟଙ୍କା କେବଳ ଖରିଫ ଧାନ ଫସଲ ନିମନ୍ତେ କୃଷିଋଣ ଦିଆଯାଇଛି। ସରକାରୀ ନିୟମ ପ୍ରକାରେ ଯେଉଁ ଚାଷୀଙ୍କ କିଷାନ କ୍ରେଡିଟ କାର୍ଡ (କେସି) ଥିବ ସେମାନଙ୍କୁ ହିଁ ପିଏମ୍ ଫସଲ ବୀମାଭୁକ୍ତ କରାଯାଇଛି ଏବଂ ବୀମାଭୁକ୍ତ ଚାଷୀଙ୍କୁ ସମବାୟ କୃଷି ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକର କୃଷିଋଣ ଲଗାଣ ନିରୁତ୍ସାହଜନକ ହେଉଥିବା ବେଳେ ଚାଷୀମାନେ ସମବାୟ ବ୍ୟାଙ୍କ ଉପରେ ସବୁବର୍ଷ ନିର୍ଭର କରୁଛନ୍ତି।

**ଋଣ ନେଇଛନ୍ତି ପିଏମ୍ ଫସଲ ବୀମାଭୁକ୍ତ ୬୩,୫୯୦ ଚାଷୀ**

## ନାଟକରେ ସ୍ୱଚ୍ଛତାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



ଛାତ୍ରୀମାନେ ନାଟକ ପରିବେଷଣ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧।୮**

ଗଞ୍ଜାମ ଜିଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ବ୍ରହ୍ମପୁର ସିଟି ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ୪ଟି ବିଷୟ ଯଥା ଗାନ୍ଧୀ ଏବଂ ବିଜ୍ଞାନ, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା, ଆବର୍ତ୍ତ ସାରଣୀ ଏବଂ ସବୁଜ ଓ ସ୍ୱଚ୍ଛ ଶକ୍ତି । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ବିଷୟ ଉପରେ ନାଟକ ପରିବେଷଣ କରିଥିଲେ । ପ୍ରତ୍ୟକ ଦଳକୁ ୩୦ମିନିଟ୍ ସମୟ ଦିଆଯାଇଥିଲା । ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ରମାରମଣ ପାଢ଼ୀ, ଅବସରପ୍ରାପ୍ତ ପ୍ରଫେସର ସନ୍ତୋଷ କୁମାର ଦାସ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଜେନା ପ୍ରମୁଖ ଯୋଗଦେଇ ବିଜ୍ଞାନଭିତ୍ତିକ ବାର୍ତ୍ତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାରେ ନାଟକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମେଡ଼ିକାଲ୍ କ୍ୟାମ୍ପସ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ହୋଇଥିବା ବେଳେ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର-୨ ତୃତୀୟ ସ୍ଥାନ ଅଧିକାର କରିଥିଲା। ସୁଚିତ୍ରା ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ସୁଜତା ପ୍ରଧାନଙ୍କୁ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ବିବେଚିତ ହୋଇଛନ୍ତି । ସେହିଭଳି ପ୍ରିନ୍ସ ଜେନା ଏବଂ ପ୍ରଭାତି କୁମାରୀ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି। ପ୍ରାରମ୍ଭରେ ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନଗ ଭୂଷଣ ମାଝି ସ୍ୱାଗତ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଆସନ୍ତା ୭ତାରିଖରେ କୋରାପୁଟରେ ଆୟୋଜିତ ହେବାକୁ ଥିବା ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗନେବ।

## ଲୋକସଙ୍ଗୀତ ଗାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

**ବ୍ରହ୍ମପୁର ଅଫିସ, ୧।୮**

ଗଞ୍ଜାମର ପ୍ରସିଦ୍ଧ ଲୋକ ସଙ୍ଗୀତ ଓ ଗାୟକ ସ୍ୱର୍ଗତ କେଦାର ପାଣିଗ୍ରାହୀଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏମ୍‌କେସିଜି ମେଡିକାଲ ପରିସର ନିକଟସ୍ଥ ମର୍ଦ୍ଦରାଜ ଭେଣ୍ଡିଂଜୋନ ପାର୍ଶ୍ୱରେ ପାଣିଗ୍ରାହୀଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା । ମନୋଜ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ସଙ୍ଗୀତ ଅଚାର୍ଯ୍ୟ ଜଗନ୍ନାଥ ଦୋରା, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀଙ୍କ ସମେତ ବହୁ ବରିଷ୍ଠ ବୁଦ୍ଧିଜୀବୀ ଓ ଲୋକସଙ୍ଗୀତ ପ୍ରେମୀ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ । ବ୍ରହ୍ମପୁର ବହୁ ବରିଷ୍ଠ କଣ୍ଠଶିଳ୍ପୀମାନେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ଓ କଣ୍ଠଦାନ କରିଥିବା ଗାହାଣୀ, ଲୋକସଙ୍ଗୀତକୁପରିବେଷଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବିଏମ୍‌ସିକୁ ଓଡିଏଫ ପ୍ଲସ୍ ପ୍ଲସ୍ ମାନ୍ୟତା

## ବ୍ରହ୍ମପୁରରେ ଯାଞ୍ଚ କଲେ ଦୁଇଜଣିଆ ପ୍ରତିନିଧି ଦଳ


ଟିମ୍ ଶୌଚାଳୟ ଯାଞ୍ଚ କରୁଛନ୍ତି ।

**ବ୍ରହ୍ମପୁର ଅଫିସ, ୧।୮**

ବ୍ରହ୍ମପୁରକୁ ଓଡିଶାର ପ୍ରଥମ ବାହ୍ୟ ମଳମୁକ୍ତ(ଓଡିଏଫ୍) ସହର ଭାବେ ଘୋଷଣା କରାଯିବା ପରେ ଏବେ ଓଡିଏଫ ପ୍ଲସ୍ ପ୍ଲସ୍ ସହରରେ ପରିଣତ କରିବାକୁ ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଭାରତ ସରକାରଙ୍କ ପକ୍ଷରୁ ଏକ ଦୁଇ ଜଣିଆ ଟିମ୍ ବୁଧବାର ବ୍ରହ୍ମପୁରରେ ପହଞ୍ଚିଥିବା ଜଣାପଡିଛି । ସୁଦୀପ୍ତ ନାୟକଙ୍କ ପ୍ରତିନିଧିତ୍ୱରେ ଆସିଥିବା ଟିମ୍ ସହରର ବିଭିନ୍ନ ୱାର୍ଡ ପରିକ୍ରମା କରି ଶୌଚାଳୟ, ବାୟୋୟୁରିନାଲ ସମେତ ସ୍ୱଚ୍ଛତା ଦିଗରେ ବିଏମ୍‌ସି ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକୁ ଯାଞ୍ଚ କରିଛନ୍ତି। ଗୁରୁବାର ଏହି ଟିମ୍ ଯାଞ୍ଚ ସାରି ଫେରିବା ବେଳେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଟିମ୍ ପରିଦର୍ଶନ ବେଳେ ନିଗମ ବସ୍ତି ଉନ୍ନୟନ ଅଧିକାରୀ ଉପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତ ପାତ୍ରଙ୍କ ସମେତ ସିଓ(କମ୍ୟୁନିଟି ଅର୍ଗାନାଇଜର) ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବିଧାୟକ ରମେଶ ଜେନା କୋର୍ଟରେ ହାଜର

**ବ୍ରହ୍ମପୁର ଅଫିସ,୧।୮**

**ବଳାତ୍କାର ମାମଲା**

■ ୩ ସାକ୍ଷୀଙ୍କ ବୟାନ ରେକର୍ଡ

ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନା ଏକ ବଳାତ୍କାର ମାମଲାରେ ଗୁରୁବାର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)-୩ ନିରଞ୍ଜନ ଜେନାଙ୍କ କୋର୍ଟରେ ହାଜର ହୋଇଥିଲେ। ଏଡିଜେ-୩ ତଥା ଏମ୍‌ପି ଓ ଏମ୍‌ଏଲଏଙ୍କ ମାମଲା ବିଚାର ପାଇଁ ଖୋଲାଯାଇଥିବା କୋର୍ଟରେ ଏସ୍‌ଟି ୧୧୭/୧୬ରେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ଗ୍ରହଣ ବେଳେ ଉଭୟେ ରମେଶ ଜେନା ଓ ବିଧୁ ବିଷୋୟୀ କୋର୍ଟରେ ହାଜର ହୋଇଥିଲେ। ଗୁରୁବାର ପୀଡ଼ିତା, ତାଙ୍କ ମା' ଓ ଜଣେ ପୋଲିସ ସାକ୍ଷୀ କୋର୍ଟରେ ପୃଥକ୍ ପୃଥକ୍ ଭାବେ ନିଜ ନିଜ ବୟାନ ଦେଇଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ସରକାରୀ ଓକିଲ ଚକ୍ରପାଣି ପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ କୋର୍ଟରେ ଏହି ମାମଲାରେ ଜଣେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ୨୦୧୬ ଏପ୍ରିଲ ୮ ତାରିଖରେ ଜଣେ ମହିଳାଙ୍କୁ ସାନଖେମୁଣ୍ଡି ବିଧାୟକ ରମେଶ ଓ ତାଙ୍କ ସହଯୋଗୀ ବିଧୁ ବଳପୂର୍ବକ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୯/୧୬ରେ ରମେଶ ଓ ବିଧୁଙ୍କ ନାମରେ ବଳାତ୍କାର ମାମଲା ରୁଜୁ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଟାଉନ ଥାନା ଏସ୍‌ଆଇ ପୁଷ୍ପାଞ୍ଜଳି ହାଜରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସେହିପରି କୋର୍ଟ ମଧ୍ୟ ରମେଶ ଓ ବିଧୁଙ୍କୁ ଏହି ମାମଲାରେ ଚାର୍ଜଫ୍ରେମ କରିଥିଲା। ଗୁରୁବାର ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଚକ୍ରପାଣି ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ ମକଦ୍ଦମା ପରିଚାଳନା କରିଥିଲେ।

■ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ଆନ୍ଦୋଳନ ପାଇଁ ବ୍ରହ୍ମପୁରରେ ସଜବାଜ

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ(ଡିଇଓ) ଏବଂ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ କାର୍ଯ୍ୟାଳୟକୁ ଏକାଠି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଉଭୟ କାର୍ଯ୍ୟାଳୟର ମିଶ୍ରଣରେ ଏକ ନୂଆ କାର୍ଯ୍ୟାଳୟ ଗଠନ ହେବା ଯାହାର ନାମ ରହିବ 'ସାଥ୍-ଇ'। ଗଞ୍ଜାମ ଜିଲାରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ରହ୍ମପୁରରେ ଥିବା ବେଳେ ଛତ୍ରପୁରରେ ରହିଛି ଡିପିସିଙ୍କ କାର୍ଯ୍ୟାଳୟ । ଛତ୍ରପୁର ଜିଲା ମୁଖ୍ୟାଳୟ ହୋଇଥିବା ଯୋଗୁ ବ୍ରହ୍ମପୁରରୁ ସେଠାକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଜିଲାପାଳ ଗତ ୧୯ତାରିଖରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହାକୁ ବ୍ରହ୍ମପୁରର ବିଭିନ୍ନ ସଂଗଠନ ବିରୋଧ କରୁଛନ୍ତି । ଜିଲାପାଳ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାହାର କରିବା ସହ ଡିପିସିଙ୍କ କାର୍ଯ୍ୟାଳୟକୁ ଛତ୍ରପୁରରୁ ବ୍ରହ୍ମପୁରକୁ ସ୍ଥାନ୍ତାନ୍ତର କରିବା ଦାବିରେ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି ।

### ପ୍ରସ୍ତାବ ପ୍ରତ୍ୟାହାର ଦାବିକଲା ଭାଜପା

**ବ୍ରହ୍ମପୁର ଅଫିସ୍,୧।୮:** ଓଡ଼ିଶା ଅନ୍ୟତମ ପୁରାତନ ସହର ବ୍ରହ୍ମପୁର କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ କୁଚକ୍ରାନ୍ତର ଶିକାର ହୋଇ ଶ୍ରୀହୀନ ହେବାକୁ ବସିଛି । ସମଗ୍ର ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର। କିଛି ବର୍ଷ ହେଲା ଯେଉଁଭଳି ଭାବେ ସରକାରୀସ୍ତରରେ ପଦକ୍ଷେପ ନିଆଯାଇ କାର୍ଯ୍ୟାଳୟଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି, ତାହା ଷଡ଼ଯନ୍ତ୍ର ଭଳି ମନେହେଉଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ସହର ବାହାର କନିଷ୍ଠିକୁ ଉଠାଇନେବା ଏକ କୁଠାରଘାତ ସଦୃଶ । ଏବେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଛତ୍ରପୁରକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହା ବ୍ରହ୍ମପୁରର ଜନସାଧାରଣଙ୍କ ମନରେ ଗଭୀର ଆଘାତ ଦେଇଛି । ଏଭଳି ପ୍ରସ୍ତାବ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛି ଗଞ୍ଜାମ ଜିଲା ଭାଜପା। ଜିଲା ସଭାପତି କାହ୍ନୁଚରଣ ପତି ଏକ ପ୍ରେସ୍ ବିବୃତିରେ ଏହା କହିଛନ୍ତି । ନ ଚେତ୍ ଆଗାମୀ ଦିନରେ ଏହାକୁ ବିରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ

ଭାରତ ବିକାଶ ପରିଷଦ ପକ୍ଷରୁ ଡିଇଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସନ୍ତୋଷୀ ମା' ମନ୍ଦିରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦିଆଯାଇଛି । ବ୍ରିଟିଶ୍ ଅମଳରୁ ବ୍ରହ୍ମପୁରରେ ସର୍କଲ୍ ଇନ୍ସପେକ୍ଟର ଅଫ୍ ସ୍କୁଲ୍‌ସଙ୍କ କାର୍ଯ୍ୟାଳୟ ରହିଥିଲା। ପରବର୍ତ୍ତୀ ସମୟରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ରୂପ ନେଲା। ଜିଲାର ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୦ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ବ୍ରହ୍ମପୁର ସହରକୁ ଯୋଗାଯୋଗ ସହଜ ହେଉଥିବା ଯୋଗୁ ସେମାନେ ଯେକୌଣସି କାର୍ଯ୍ୟ ପାଇଁ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିବା ପରେ ନିଜ ଘରକୁ ଫେରି ପାରୁଛନ୍ତି । କିନ୍ତୁ ଛତ୍ରପୁରକୁ ଜିଲାର ସମସ୍ତ ଅଞ୍ଚଳରୁ ଯୋଗାଯୋଗ ଭଲନୁହଁ। ଜିଲା ସଦର ମହକୁମା ଛତ୍ରପୁରରେ ଥିଲେ ମଧ୍ୟ ତାକୁ ବ୍ରହ୍ମପୁରକୁ ଘୁଞ୍ଚାଇ ଦେବାକୁ ଦୀର୍ଘ ୨୦ବର୍ଷ ହେଲା ଦାବି ହେଉଛି। ହେଲେ ଜିଲାପାଳ ଏବେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଛତ୍ରପୁରକୁ ଘୁଞ୍ଚାଇ ଦେବାକୁ ପ୍ରସ୍ତାବ ଦେବା ନିନ୍ଦନୀୟ। ତୁରନ୍ତ ଉକ୍ତ ପ୍ରସ୍ତାବକୁ ସେ ପ୍ରତ୍ୟାହାର କରିବା ସହ ଡିପିସିଙ୍କ କାର୍ଯ୍ୟାଳୟ ବ୍ରହ୍ମପୁରକୁ ସ୍ଥାନାନ୍ତର ଦିଗରେ ପଦକ୍ଷେପ ନିଅନ୍ତୁ। ନ ଚେତ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ସଂଗଠନ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ମୋହନ ସିଙ୍ଗାରୀ, ଗୁରୁ ପ୍ରସାଦ ସାହୁ, ମାନସ ରଞ୍ଜନ ପାତ୍ର, ରଜନୀକାନ୍ତ ମଣ୍ଡଳଙ୍କ ସମେତ ବହୁ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି ।


ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

### ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର ସହରର ଗୁରୁତ୍ୱହାନି କରିବା ପାଇଁ ଯେଉଁ ଷଡଯନ୍ତ୍ର ଚାଲିଛି, ତାର କଡ଼ା ଜବାବ ଦିଆଯିବ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ଗଣଆନ୍ଦୋଳନ ଡାକରା ଦିଆଯିବ ବୋଲି ଧମକ ଦେଇଛି ବ୍ରହ୍ମପୁର ମିଳିତ କ୍ରିୟାନୁଷ୍ଠାନ କମିଟି । ଗୁରୁବାର ଅପରାହ୍ନରେ ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ବିଭିନ୍ନ ସଂଗଠନ ଯଥା ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ, ସଂସ୍କାରବାଦୀ, ବରିଷ୍ଠ ନାଗରିକ ମଞ୍ଚ, ଜିଲା ବିକାଶ ମଞ୍ଚ, ଜନ ଜାଗରଣ ମଞ୍ଚ, ଭାରତୀୟ ବିକାଶ ପରିଷଦ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଚାମ୍ବର ଅଫ୍ କମର୍ସ, ଗଞ୍ଜାମ ଜିଲା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମେତ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତାମାନେ ଭାଗ ନେଇଥିଲେ । ବ୍ରହ୍ମପୁରରୁ ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଛତ୍ରପୁରକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ବୈଠକରେ ଦାବି କରାଯାଇଛି । ବୈଠକରେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ତ୍ରିନାଥ ମହାରଣା, ରାଜେନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ସାହୁ, ଭିକାରୀ ବେହେରା ଓ ମାଗୁଣି ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ସଂସ୍କାରବାଦୀ ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଡିଇଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ସଂସ୍କାରବାଦୀ ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପ୍ରତିଷ୍ଠାତା ତଥା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଧାରଣା ଦିଆଯିବା ସହ ଜିଲାପାଳ ତାଙ୍କ ପ୍ରସ୍ତାବ ପ୍ରତ୍ୟାହାର କରନ୍ତୁ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ସେ ଦାବି କରିଛନ୍ତି। ଯଦି ଡିଇଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହୁଏ, ତେବେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି। ଶିକ୍ଷା ବଞ୍ଚାଅ ଅଭିଯାନ ସଭାପତି ରବି ରଥ, ପ୍ରମୋଦ କୁମାର ସାହୁ, ଅଶୋକ କୁମାର ଦାଶ, କିଶୋର ଚନ୍ଦ୍ର ବ୍ରହ୍ମା ପ୍ରମୁଖ ଏଥିରେ ଭାଗ ନେଇଥିଲେ ।

## ସଂକ୍ଷେପରେ

### ମାଛ ବୋଝେଇ ପିକ୍ଅପ୍ ଓଲଟିଲା



ଗୋପାଳପୁର,୧।୮: ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ରଣ୍ଡା ନିକଟରେ ଗୁରୁବାର ଭୋରରେ ଏକ ମାଛବୋଝେଇ ପିକ୍ଅପ୍ର ଚକ ଫାଟିଯିବାରୁ ତାହା ଓଲଟି ପଡିଛି। ଏଥିରେ ଥିବା ଚାଳକ ଓ ଗାଡି ମାଲିକଙ୍କ ଭାଇ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ବାଲୁଗାଁ ଅଞ୍ଚଳରୁ ଲୋକନାଥ ବେହେରା ଏକ ପିକ୍ଅପରେ ମାଛ ଧରି ଆନ୍ଧ୍ରପ୍ରଦେଶରୁ ବାଲୁଗାଁ ଆସୁଥିଲେ। ଗୋଳନ୍ଥରା ଥାନା ରଣ୍ଡା ନିକଟରେ ଗୁରୁବାର ଭୋର ପ୍ରାୟ ସାଢେ ୫ଟାରେ ଗାଡିର ପଛଚକ ଫାଟି ଯିବାରୁ ତାହା ଓଲଟି ପଡିଥିଲା। ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି।

### ଚୋରି ଜିନିଷ ଉଦ୍ଧାର, ୨ଗିରଫ

ଭଞ୍ଜନଗର,୧।୮(ଡି.ଏନ୍.ଏ.): ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକରେ ଥିବା ଜେକେ ଷ୍ଟୁଡ଼ିଓରୁ ଗତ ୨୪ ତାରିଖରେ ଚୋରି ହୋଇଥିଲା। ଏହି ମାମଲାରେ ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିପୁନ ପ୍ରଧାନ ଓ ବିଷ୍ଣୁ ଗୌଡ଼। ସେମାନଙ୍କଠାରୁ ଚୋରି କ୍ୟାମେରା, ଟଙ୍କା ପ୍ରଭୃତି ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ସୁଦୀପ୍ତ ସାହୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି। ଏହି ମାମଲାରେ ଆଉ ଜଣେ ନାବାଳକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଅଭିଯୁକ୍ତମାନେ ଘଟଣା ଦିନ ରାତିରେ ଷ୍ଟୁଡ଼ିଓର ପଛପଟ ଭେଣ୍ଟିଲେଟର ଭାଙ୍ଗି ଜିନିଷ ଚୋରି କରିନେଇଥିଲେ। ଦୋକାନ ମାଲିକ ସହ ପରିଚିତ ଜଣେ ବ୍ୟକ୍ତି ଯୋଜନାବଦ୍ଧ ଭାବେ ଏହିକାଣ୍ଡ ଘଟାଇଥିବା ଜଣାପଡ଼ିଛି।



■ ଏଆଇକେଏମ୍ଏସ୍ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି

# ଆଦିବାସୀ ଦିବସରୁ ଅଧିକାର ଲଢ଼େଇ

ବ୍ରହ୍ମପୁର ଅଫିସ୍,୧।୮

ଅଖିଳ ଭାରତ କିଷାନ୍ ମଜଦୁର ସଭା(ଏଆଇକେଏମ୍ଏସ୍) ପକ୍ଷରୁ ୨ ଦିନିଆ ସର୍ବ ଭାରତୀୟ ସାଧାରଣ ପରିଷଦ ଶେଷ ହୋଇଯାଇଛି । ଏଥିରେ ବିଭିନ୍ନ ରାଜ୍ୟର ୧୨୭ ପ୍ରତିନିଧି, ପର୍ଯ୍ୟବେକ୍ଷକ ଏବଂ ସ୍ଥାନୀୟ ଚାଷୀନେତା ତଥା ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଯୋଜନା ପ୍ରସ୍ତୁତ ହୋଇଥିଲା । କେନ୍ଦ୍ରର ଭାଜପା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଆଢୁଆଳରେ ଦେଶର ଜଙ୍ଗଲ ଅଞ୍ଚଳରୁ ଲକ୍ଷ ଲକ୍ଷ ଆଦିବାସୀ ଏବଂ ବନଜୀବୀଙ୍କୁ ସେମାନଙ୍କ ବାସସ୍ଥାନ ଏବଂ ଜୀବୀକାରୁ ଉଚ୍ଛେଦ କରିବାକୁ ଷଡ଼ଯନ୍ତ୍ରର ତୀବ୍ର ନିନ୍ଦା କରାଯାଇଥିଲା । ଜଙ୍ଗଲ ଅଧିକାର ଆଇନ–୨୦୦୬କୁ ତ୍ରୁଟିପୂର୍ଣ୍ଣ ଭାବେ ଲାଗୁ କରିବାର ଫଳସ୍ୱରୂପ ଯେଉଁ ଆଦିବାସୀ ଓ ବନଜୀବୀଙ୍କ ଦାବି ଦରଖାସ୍ତ ଖାରଜ ହୋଇଯାଇଛି, ସେମାନଙ୍କୁ ବଳ ପ୍ରୟୋଗ କରି ଦେଶୀ ବିଦେଶୀ ବୃହତ୍ତ କମ୍ପାନୀଙ୍କୁ ହସ୍ତାନ୍ତର କରିବା ପାଇଁ ଉଦ୍ୟମ କରିବା ସହିତ ଜଙ୍ଗଲ ଆଇନ– ୧୯୨୭ରେ ସଂଶୋଧନ କରି ତାକୁ ଅଧିକ କଡ଼ା ଓ ଜନ ବିରୋଧୀ କରିବାକୁ ଯାଉଛି । ଏଭଳି ଆଦିବାସୀ–ବନଜୀବୀ ନୀତି ବିରୋଧରେ ଆସନ୍ତା ୯ ତାରିଖ ବିଶ୍ୱ ଆଦିବାସୀ ଦିବସଠାରୁ ଦୁଇ ସପ୍ତାହ ଧରି ପ୍ରତିବାଦ ଅଭିଯାନର ଡ଼ାକରା ଦିଆଯାଇଛି । ଏହିକ୍ରମରେ ଦେଶର ବିଭିନ୍ନ ରାଜ୍ୟ ରାଜଧାନୀ ଓ ଜିଲା ମୁଖ୍ୟାଳୟଗୁଡିକରେ ପ୍ରତିବାଦ ବିକ୍ଷୋଭ ମଧ କରିବାକୁ ସ୍ଥିର ହୋଇଛି। ଗୁରୁବାର ସ୍ଥାନୀୟ ଏନ୍ଜିଓ ହଲ୍ଠାରେ ସଂଗଠନର ଜାତୀୟ ସଭାପତି ଭି. ଭେଙ୍କଟରାମେୟା, ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଆଶିଷ ମିତ୍ତଲ ଏବଂ ଉପସଭାପତି ଜେ.ଭି. ଚଲପତି ରାଓ ପ୍ରମୁଖ ସୂଚନା ଦେଇଛନ୍ତି ।




ଖବରଦାତା ସମ୍ମିଳନୀରେ ସଂଗଠନର ପଦାଧିକାରୀମାନେ।

ସେହିଭଳି ସାଧାରଣ ପରିଷଦ ବୈଠକରେ ଉତ୍ତର ପ୍ରଦେଶର ସୋନଭଦ୍ର ଜିଲା ଉଭା ଗ୍ରାମରେ ଭାଜପା ସରକାର ପ୍ରଶାସନ ତଥା ପୋଲିସର ସକ୍ରିୟ ସହଯୋଗରେ ଜମିଦାରଙ୍କ ସଶସ୍ତ୍ର ଗୁଣ୍ଡାଙ୍କ ଦ୍ୱାରା ୧୦ ଜଣ ଆଦିବାସୀଙ୍କୁ ହତ୍ୟା, ମଧ୍ୟ ପ୍ରଦେଶର ବୁରହାନ୍ପୁରରେ ଜଙ୍ଗଲ ଅଧିକାରୀଙ୍କ ଗୁଳିମାଡ଼ରେ ଚାରି ଜଣ ଆଦିବାସୀ ଆହତ, ତେଲେଙ୍ଗାନାର କୋଥାଗୁଡ଼େମ୍ ଜିଲାର ଗୁଣ୍ଡାଲା ମଣ୍ଡଳରେ ପୋଲିସ ଏବଂ ଗ୍ରେ ହାଉଣ୍ଡସ ବାହିନୀଙ୍କ ଦ୍ୱାରା ଏଆଇକେଏମ୍ଏସ୍ ସଦସ୍ୟ ତଥା ସ୍ଥାନୀୟ ଲୋକପ୍ରିୟ ଆଦିବାସୀ ନେତା ଲିଙ୍ଗାନାଙ୍କ ହତ୍ୟାକୁ ନେଇ ସାଧାରଣ ପରିଷଦରେ ତୀବ୍ର ନିନ୍ଦା କରାଯାଇଥିଲା।

# ରାଜ୍ୟ ସବ୍ଜୁନିୟର୍ ବାସ୍କେଟବଲ୍ରେ ଭାଗନେବ ବ୍ରହ୍ମପୁର ଦଳ



ମନୋନୀତ ବ୍ରହ୍ମପୁର ବାସ୍କେଟବଲ୍ ଦଳ ।

ବ୍ରହ୍ମପୁର ଅଫିସ୍,୧।୮

କଟକ ଜବାହର୍ଲାଲ୍ ନେହେରୁ ଇନ୍ଡୋର୍ ହଲ୍ରେ ଗୁରୁବାରରୁ ରାଜ୍ୟ ସବ୍ଜୁନିୟର୍ ବାସ୍କେଟବଲ୍ ଚାମ୍ପିୟନ୍ଶିପ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଗୁରୁବାର କଟକ ଗସ୍ତ କରିଛି ବ୍ରହ୍ମପୁର ଦଳ । ଦଳରେ ଦିବେଶ ସାହୁ, ସୋହମ୍ ସନ୍ତୋଷ ପଟ୍ଟନାୟକ, ଏମ୍. କାଶୀ ସାହୁ, ଆଶୁତୋଷ ପାଢୀ, ଭି.ଗୁଞ୍ଜନ୍, ସିଏଚ୍. ସୋହମ ସୁବୁଦ୍ଧି, କେ. ନୀତେଶ କୁମାର, ରୋଶନ୍ ନାହାକ, ଅଭୟ ମହାପାତ୍ର, ମାନ୍ଭିକ୍ ଜେନା, ଏସ୍.ଆଲୋକ କୁମାର ରାଓ, କେ.ଆଦିତ୍ୟ ଦ୍ୱିବେଦ, ଶାଶ୍ୱତ ପାଣିଗ୍ରାହୀ, ରୁଦ୍ରାଂଶ ପରିଡ଼ା ଏବଂ ସୂରଜ କୁମାର ପାତ୍ର ରହିଛନ୍ତି । କୋଚ୍ ରାଜ୍ ନାରାୟଣ ପାତ୍ରଙ୍କ ସହ ଦଳ କଟକ ଗସ୍ତ କରିଛି । ବ୍ରହ୍ମପୁର ବାସ୍କେଟବଲ୍ କ୍ଲବ ସମ୍ପାଦକ ଅଜୟ କୁମାର ତିଆଡ଼ି, ପ୍ରଦୀପ କୁମାର ପରିଡ଼ା, ଭି.ନାଗେଶ୍ୱର ରାଓ, ସୁଧୀର କୁମାର ପରିଡ଼ା ଏବଂ ସୁନୀଲ କୁମାର ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ପୋଲିସ ପରିଚୟ ଦେଇ ମହିଳାଙ୍କ ମଙ୍ଗଳସୂତ୍ର ଲୁଟ୍



ଏସ୍ପିଙ୍କ ସହ ଆଲୋଚନା କରୁଛନ୍ତି ଲୁଟର ଶିକାର ହୋଇଥିବା ମହିଳା ।

ବ୍ରହ୍ମପୁର ଅଫିସ୍,୧।୮

ନକଲି ପୋଲିସ ବେଶରେ ଲୁଟେରାମାନେ ବିଶେଷକରି ମହିଳା ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ସୁନାଗହଣା ଓ ଟଙ୍କା ଲୁଟ୍ କରୁଛନ୍ତି। ଏବେ ସେହି ଲୁଟେରାମାନଙ୍କୁ ପୋଲିସ ଧରି ପାରୁନାହିଁ। ନକଲି ପୋଲିସ ଏବେ ଅସଲିଙ୍କୁ ଚ୍ୟାଲେଞ୍ଜ ଦେଉଛନ୍ତି। ଗୁରୁବାର ନକଲି ପୋଲିସ ଜନଗହଳିପୂର୍ଣ୍ଣ ଦଲୁଆସାହିର ଜଣେ ମହିଳାଙ୍କୁ ଭୟଭୀତ କରାଇ ସେ ପିନ୍ଧିଥିବା ମଙ୍ଗଳସୂତ୍ରଟିକୁ ନେଇ ଚମ୍ପଟ ମାରିଛନ୍ତି।

ପୋଲିସ ସିସି ଟିଭି ଫୁଟେଜ ଯାଞ୍ଚ କରୁଛି। କ୍ୟାଣ୍ଟନମେଣ୍ଟ ରୋଡରେ ରହୁଥିବା ଜଣେ ବ୍ୟବସାୟୀଙ୍କ ସ୍ତ୍ରୀ ଭି. ଶାରଦା ଗୁରୁବାର ମଧ୍ୟାହ୍ନରେ ମନ୍ଦିର ଯାଇ ଘରକୁ ଫେରିଥିଲେ। ଦଲୁଆସାହି ମୁଖ୍ୟ ରାସ୍ତା ଦେଇ ସେ ଫେରୁଥିବା ବେଳେ ୩ ଜଣ ଯୁବକ ତାଙ୍କୁ ଅଟକାଇ ପୋଲିସ ପରିଚୟ ଦେଇଥିଲେ। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ । ପରେ ସେ ପିନ୍ଧିଥିବା ୫ ଭରିର ମଙ୍ଗଳସୂତ୍ରଟି ବାହାର କରିବାକୁ କହିଥିଲେ। ମହିଳା ଜଣକ ମନା କରିବାରୁ ୨ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କହିଥିଲେ । ପରେ ମହିଳା ଜଣଙ୍କ ପିନ୍ଧିଥିବା ମଙ୍ଗଳସୂତ୍ର ବାହାର କରି ଭ୍ୟାନିଟିରେ ରଖିଥିଲେ । ଏହା ପରେ ନକଲି ପୋଲିସ ତାଙ୍କୁ ସେମାନେ ଧରିଥିବା ଏକ ଧଳା କାଗଜରେ ରଖିବାକୁ କହିଥିଲେ। ଏହି ସମୟରେ ସେମାନେ ସମାନ ଦୁଇଟି ପୁଡିଆ ଧରିଥିଲେ । ମହିଳାଙ୍କୁ ଅନ୍ୟ ଏକ ପୁଡିଆ ଧରାଇ ମଙ୍ଗଳସୂତ୍ର ଥିବା ପୁଡିଆ ଧରି ଫେରାର ହୋଇଯାଇଥିଲେ । ଭୟଭୀତ ଅବସ୍ଥାରେ ଥିବା ମହିଳା ଜଣକ ସେଠାରେ କୌଣସି ପ୍ରତିବାଦ କରି ନ ଥିଲେ। ପରେ ମହିଳା ଘରକୁ ଯାଇ ସେମାନେ ଦେଇଥିବା କାଗଜ ପୁଡ଼ାକୁ ଖୋଲି ଦେଖିବା ବେଳେ ସେଥିରେ ତାଙ୍କ ମଙ୍ଗଳସୂତ୍ର ନ ଥିଲା, ତା' ବଦଳରେ କିଛି ନକଲି ଚୁଡ଼ି ଥିଲା ବୋଲି ଭି. ଶାରଦା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ପାଇଖାନା ସର୍ଭେ କଲେ ଛତ୍ରପୁର ବ୍ଲକ ଜନ ପ୍ରତିନିଧି

ଗଞ୍ଜାମ,୧।୮(ଡି.ଏନ.ଏ.)

ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଛତ୍ରପୁର ବ୍ଲକ ପ୍ରଶାସନ ପରାମର୍ଶକ୍ରମେ ବ୍ଲକ ଜନ ପ୍ରତିନିଧିମାନେ ଗୁରୁବାର ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ପାଇଖାନା ସର୍ଭେ କରିଥିଲେ। ପାଳିବନ୍ଧ, ହୁମ୍ମା, ରାମଗଡ଼ ଓ ଜେଆରଜିପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରତିନିଧି ଦଳ ପହଞ୍ଚି ଘର ଘର ବୁଲି ପାଇଖାନା ଅଛି କି ନାହିଁ ଏବଂ ତାହାର ବ୍ୟବହାର କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ଏହି ଜନ ପ୍ରତିନିଧି ଦଳରେ ଛତ୍ରପୁର ବ୍ଲକର ମହାନାଦପୁର ପଞ୍ଚାୟତ ସମିତିସଭ୍ୟ ଅଶୋକ ପାଣିଗ୍ରାହୀ, ବିପୁଳିଙ୍ଗି ପଞ୍ଚାୟତ ସମିତିସଭ୍ୟ ଜୟଦେବ ଲେଙ୍କା, ବିପୁଳିଙ୍ଗି ଏମବିକେ ଅନସୂୟା ନାୟକ, ଟାଙ୍ଗଣାପଲ୍ଲି ଏମ୍ବିକେ ମନୋସ୍ୱିନୀ ନାୟକ, ବଉଳଗାଁ ଏମବିକେ ସଂଗୀତା ଦଳାଇ, ସୁନ୍ଦରପୁର ଏମବିକେ ରଜନୀ ମହାକୁଡ଼, ଅଗସ୍ତିନୂଆଗାଁ ଏମବିକେ ମିତାଞ୍ଜଳୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରିପୋର୍ଟ ଜିଲା ପ୍ରଶାସନ ନିକଟରେ ଉପସ୍ଥାପନ କରାଯିବ।

■ ନକଲି ଦେଶୀ ମଦ ସହ ଅଟୋ ଜବତ

# ବାପ,ପୁଅଙ୍କ ସମେତ ୩ ଗିରଫ

ପୁରୁଷୋତ୍ତମପୁର,୧।୮(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ ଧୋବାଡି ପାଟପୁର–ବାଳକୃଷ୍ଣପୁର ରାସ୍ତାରୁ ମଦ ବୋଝେଇ ଏକ ଅଟୋ (ନଂ.ଓଡି ୦୭ ଏସ ୨୮୧୨)କୁ ଜବତ କରିଛି। ଏଥିରୁ ୨୪୦ ଲିଟର ଦେଶୀ ନକଲି ମଦ ଜବତ କରିବା ସହ ମଦ ଚାଲାଣ କରୁଥିବା ଧୋବାଡି ପାଟପୁର ଗ୍ରାମର ବାପା–ପୁଅଙ୍କ ସମେତ ଅଟୋ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଧୋବାଡି ପାଟପୁର ଗ୍ରାମର ମଦ ମାଫିଆ ବାପା ଜୟ ସ୍ୱାଇଁ, ପୁଅ ସୁକାନ୍ତ ଓ ଅଟୋ ଚାଳକ ସୁଦାମ ଗୌଡ। ଦୀର୍ଘଦିନ ହେଲା ଜୟ ଓ ସୁକାନ୍ତ ଅବାଧ ମଦ କାରବାର ଚଳାଇଥିଲେ। ବିଭିନ୍ନ ସମୟରେ ପୋଲିସ ଚଢାଉ କରୁଥିବାବେଳେ ଏମାନେ କୌଶଳକ୍ରମେ ଖସି ଯାଉଥିଲେ। ବାପା, ପୁଅ ଅଟୋ ଯୋଗେ ମଦ ଆଣୁଥିବା ଖବର ପାଇ ସାଦା ପୋଷାକରେ ପୋଲିସ ଜଗି ରହିଥିଲା। ସେହିରାସ୍ତା ଦେଇ ଯିବାବେଳେ ପୋଲିସ ସମସ୍ତଙ୍କୁ କାବୁ କରିଥିଲା। ନଂ ୧୭୪/୧୯,୧୭୫/୧୯ଓ ୧୭୬/୧୯ ପ୍ରକାରେ ମାମଲା ରୁଜୁ କରାଯାଇଛି, ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ କହିଛନ୍ତି।

# ୮ ଶିଶୁ ଶ୍ରମିକ ଉଦ୍ଧାର

ପାଟପୁର,୧।୮

ସାନଖେମୁଣ୍ଡି ବ୍ଲକରେ ବିଭିନ୍ନ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ, ପନିପରିବା ଦୋକାନରେ ପାଟପୁର ପୋଲିସ ଗୁରୁବାର ଚଢାଉ କରି ୮ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ପୋଲିସ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଉପଯୁକ୍ତ ଶିକ୍ଷାଦାନ ପାଇଁ ବିଦ୍ୟାଳୟକୁ ପଠାଇବାକୁ ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ପରୀ ତୃତୀୟ ପର୍ଯ୍ୟାୟରେ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

# ବିଭିନ୍ନ ଦୋକାନରେ ଚଢ଼ାଉ, ୧୦ ନାବାଳକ ଉଦ୍ଧାର

ଭଞ୍ଜନଗର,୧।୮(ଡି.ଏନ.ଏ)

ଭଞ୍ଜନଗର ପୋଲିସ ପକ୍ଷରୁ ଗୁରୁବାର ରାତିରେ ସହରର ବିଭିନ୍ନ ଦୋକାନ, ହୋଟେଲରେ ଚଢ଼ାଉ କରି ୧୦ ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଏହାପରେ ନାବାଳକଙ୍କ ସାର୍ଟିଫିକେଟ ଯାଞ୍ଚ ଚାଲିଛି। ବୟସ ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ପରବର୍ତ୍ତୀପଦକ୍ଷେପ ନେବ ବୋଲି କହିଛି।

# ଖଲ୍ଲିକୋଟରେ ମେଗା ରକ୍ତଦାନ ଶିବିର



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ଖଲ୍ଲିକୋଟ,୧।୮(ଡି.ଏନ.ଏ.)

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ୮୨ତମ ଜୟନ୍ତୀ ଅବସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିନରେ ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତ କନ୍ଦିଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ ନବ ନିର୍ବାଚିତ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି ଏବଂ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲାଇ, ଖଲ୍ଲିକୋଟ ବ୍ଲକ ଅଧକ୍ଷା ମିନାକ୍ଷୀ ସାହୁ, ଉପାଧକ୍ଷ ଏ. ପ୍ରକାଶ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ପ୍ରଥମ ଦିନରେ ୧୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କରୁ ଆସିଥିବା ଡ଼ା. ବିଶ୍ୱଜିତ ସାହୁ, କର୍ମଚାରୀ ଚିନ୍ମୟ ବେହେରା, ହରେକୃଷ୍ଣ ସାହୁ ରକ୍ତ ସଂଗ୍ରହ କରିଥିଲେ। ରାଣୀ ସାହେବା ଜୟନ୍ତୀ ସମିତି ସଭାପତି ଦୈତାରୀ ବେହେରା, ସମ୍ପାଦକ ରାମ ମୋହନ ପଣ୍ଡା, କନ୍ଦିଗାଁର ସ୍ୱଚ୍ଛ ଭାରତ ସଂଘର କର୍ମକର୍ତ୍ତା ମନ୍ମଥ ପାଳ, ମିଟୁ ସ୍ୱାଇଁ, ଅଜୟ ପରିଡ଼ା, ରତ୍ନାକର ସ୍ୱାଇଁ, ବିପିନ ସାହୁ, ଅକ୍ଷୟ ସାହୁ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ବରିଷ୍ଠ ବିଜେଡି ନେତା କିଶୋର ପଲାଇ, ରତ୍ନାକର ସାହୁ, ଯୋଗେନ୍ଦ୍ର ସାହୁ, ନିରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଦାୟୀ କୁଳପତି

# ପ୍ର. ରାଜେନ୍ଦ୍ର ପ୍ରସାଦ ଦାସ

### ସାକ୍ଷାତ୍କାର



ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ । ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ପସ୍ତାଗାଁରେ। ଏକ ମଧବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ଦାସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି । ଚଳିତ ମାସ ୩ତାରିଖରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହି ଅବସରରେ ପ୍ରଫେସର ଦାସ ଧରିତ୍ରୀକୁ ସାକ୍ଷାତ୍କାର ଦେଇ ଜୀବନର ପ୍ରଥମ କୁଳପତି ହେବାର ଅନୁଭୂତି ବଖାଣିଛନ୍ତି ।

-ପ୍ରସ୍ତୁତି: ଦୀପକ କୁମାର ପଣ୍ଡା

**ପ୍ରଥମ କୁଳପତି ଭାବେ ଅନୁଭୂତି ସମ୍ପର୍କରେ କ'ଣ କହିବେ ?**

୩ ବର୍ଷ ମଧରେ କୁଳପତି ଭାବେ ମୋର ଅନୁଭୂତି ବହୁତ ଖଟା ମିଠା ରହିଲା । କିଛି ସମସ୍ୟା ଆସିଛି । ତେବେ ଆସିବା ପୂର୍ବରୁ ଅନ୍ୟମାନଙ୍କଠାରୁ ଯେଉଁ ଧାରଣା ମିଳୁଥିଲା ଗଣ୍ଡଗୋଳିଆ ଜାଗା ବୋଲି ତାହା ବଦଳିଛି । ଲୋକଙ୍କ ମଧରେ ଏହି ଧାରଣା ପରିବର୍ତ୍ତନ କରିବାରେ ସଫଳ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ଆଦୌ ଗଣ୍ଡଗୋଳ ଜାଗା ନୁହଁ । କେବଳ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ବୁଝିବାକୁ ସମୟ ଦେବାର ଆବଶ୍ୟକତା ରହିଛି।

**କୁଳପତି ଭାବେ ଦାୟିତ୍ୱ ଗ୍ରହଣ ବେଳେ କେଉଁ ଲକ୍ଷ୍ୟ ରଖିଥିଲେ ? ଆଉ ତାହା କେତେ ଦୂର ପୂରଣ ହୋଇପାରିଛି ବୋଲି ଆପଣ ଅନୁଭବ କରୁଛନ୍ତି ?**

ଉ–ବିଶ୍ୱବିଦ୍ୟାଳୟରେ ଲେକଚର ଭାବେ ଜୀବନର ପ୍ରଥମ ଚାକିରି ଆରମ୍ଭ କାଳରୁ ହିଁ ଶାନ୍ତି, ଶୈାଖିକ ପରିବେଶ ବାତାବରଣ ଥିବା ବିଶ୍ୱବିଦ୍ୟାଳୟର କୁଳପତି ହେବାର ସ୍ୱପ୍ନ ଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମୋ ଜୀବନର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ସୁଯୋଗ ମିଳିବା ପରେ ଏହାକୁ ମୋର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିତୋଳିବାକୁ ଚେଷ୍ଟା କରିଛି। ଏହାକୁ ଓଡିଶାର ଏକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ଗଢିତୋଳିବା ଦିଗରେ ଅପ୍ରାଣ ଚେଷ୍ଟା କରିଛି। ୩ ବର୍ଷ କାର୍ଯ୍ୟକାଳ ମଧରେ ଏଠାରେ ଶୈକ୍ଷିକ, ଶାନ୍ତି ବାତାବରଣ ସୃଷ୍ଟି କରିବା ସହ ଗବେଷଣାତ୍ମକ ପରିବେଶ ସୃଷ୍ଟି କରିବାରେ ମଧ ସଫଳ ହୋଇଛି।

**କେଉଁ କାର୍ଯ୍ୟ ଅଧୁରା ରହିଲା, ଯାହା ପୂରଣ ହୋଇପାରିଲା ନାହିଁ ?**

ବିଶ୍ୱବିଦ୍ୟାଳୟକୁ ଆସିବା ପରେ ଏଠାରେ ବହୁତ ସମସ୍ୟା ଲକ୍ଷ୍ୟ କରିଥିଲି। ସେଥିମଧରେ ସବୁଠାରୁ ବଡ ସମସ୍ୟା ଥିଲା ଏଠାରେ ଖାଲି ପଡିଥିବା ୭୦ରୁ ଅଧିକ ଶିକ୍ଷକ ପଦ ପୂରଣ। ତାହାକୁ ପୂରଣ କରିବାକୁ ଆପ୍ରାଣ ଚେଷ୍ଟା କରିଛି। ରାଜ୍ୟ ସରକାର, ୟୁଜିସି, ସୁପ୍ରିମକୋର୍ଟଙ୍କ ଚାପ ଯୋଗୁ ତାହା ସମ୍ଭବ ହୋଇପାରିଲାନି । ଶେଷରେ ୟୁଜିସିରୁ ଶିକ୍ଷକ ପଦବୀ ପୂରଣ ପାଇଁ ଆସିଛି । ତାହାର ପ୍ରକ୍ରିୟା ଆରମ୍ଭ କରିଛି । ପଦବୀ ପୂରଣ କରିବା ଦିଗରେ ସକ୍ଷମ ହୋଇପାରି ନାହିଁ । ଏହା ସହ କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ବିପିଏଡ, ଏମ୍ପିଏଡ୍ ଖୋଲିବା ଏବଂ ସ୍ୱତନ୍ତ୍ର କ୍ରୀଡା ଗ୍ରାଉଣ୍ଡ ପାଇଁ ଅନୁମତି ଲାଗି ବହୁତ ଚେଷ୍ଟା କରିଛି । ହୁଏତ ଆଉ କିଛି ବର୍ଷ ସମୟ ମିଳିଥିଲେ ତାହା ପୂରଣ ହୋଇପାରିଥାନ୍ତା, ଯାହା ମୋ ପାଇଁ ଅବଶୋଷ ରହିଗଲା ।

**୩ ବର୍ଷ ମଧରେ ବିଶ୍ୱବିଦ୍ୟାଳୟର କେଉଁ ସମସ୍ୟା ଦୂର କରିବାରେ ଆପଣ ସଫଳ ହୋଇଥିବା ଅନୁଭବ କରିଛନ୍ତି ?**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୩ବର୍ଷ ପୂର୍ବରୁ ସମସ୍ୟା ମଧ ଦେଇ ଗତି କରୁଥିଲା ସବୁ ସମୟରେ ଛାତ୍ର ତଥା କର୍ମଚାରୀଙ୍କ ମଧରେ ଅଶାନ୍ତି ଲାଗି ରହୁଥିଲା । ପୁରୁଣା ଛାତ୍ରନେତାଙ୍କ ରାଜୁତି ଚାଲିଥିଲା। ପ୍ରଥମେ ଏହିସବୁ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛି ।



ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ସକ୍ଷମ ହୋଇଛି।

**୩ ବର୍ଷରେ ପରୀକ୍ଷା ନିୟନ୍ତ୍ରଣ ଓ ଶିକ୍ଷା ବିକାଶ କ୍ଷେତ୍ରରେ କି ପଦକ୍ଷେପ ନେଇଛନ୍ତି ?**

ଉ–ବିଶ୍ୱବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ କ୍ଷେତ୍ରରେ ଡିସେଣ୍ଟ୍ରାଲାଇଜ୍ କରାଯାଇଛି । ତିନୋଟି ଜୋନ୍ରେ ଖାତା ମୂଲ୍ୟାୟନ କରିବା ଫଳରେ ଏଥିରେ ସ୍ୱଚ୍ଛତା ଆସିଛି । ସେଣ୍ଟ୍ରାଲ ଇନ୍ଷ୍ଟ୍ରୁମେଣ୍ଟେଶନ ସେଣ୍ଟର ନିର୍ମାଣ ହୋଇଛି ଯାହା ଓଡିଶାର ବେଷ୍ଟ ହେବ । ବିଶ୍ୱବିଦ୍ୟାଳୟରେ ଗବେଷଣା ପରିବେଶ ସୃଷ୍ଟି କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ।

**ବିଶ୍ୱବିଦ୍ୟାଳୟ ସମ୍ପର୍କରେ କ'ଣ କହିବେ ? ଏହାର ବିକାଶ ପାଇଁ ଆଉ କେଉଁ ପଦକ୍ଷେପ ନେବା ଆବଶ୍ୟକ ଥିବା ଅନୁଭବ କରୁଛନ୍ତି ?**

ଏହି ବିଶ୍ୱବିଦ୍ୟାଳୟ ଏକ ପ୍ରାକୃତିକ ସୃଷ୍ଟି । ଏ ଭଳି ବାତାବରଣ ଆଉ କୌଣସି ବିଶ୍ୱବିଦ୍ୟାଳୟରେ ମିଳିପାରିବ ନାହିଁ । ଯଦି ଜଣେ ଚାହିଁବେ ଓ ଏହାର ବିକାଶ ପାଇଁ ସମୟ ଦେବେ, ତେବେ ଏହା ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଏକ ନମ୍ବର ବିଶ୍ୱବିଦ୍ୟାଳୟ ହୋଇପାରିବ । ପାଠପଢା, ଗବେଷଣା, ଶାନ୍ତି ଆଦି କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ରାଜ୍ୟର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିପାରିବ । ଏଥିପାଇଁ ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଶୈକ୍ଷିକ, ଗବେଷଣାତ୍ମକ ବାତାବରଣ ବଜାୟ ରଖିବା ଦିଗରେ ସମସ୍ତ କର୍ମଚାରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟର କୁଳପତି ସଦା ଚେଷ୍ଟିତ ରହିବାକୁ ପଡିବ । ମୁଁ ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର କାମନା କରୁଛି ।

## ସଂକ୍ଷେପରେ

### ୧୦ ଶିଶୁ ଶ୍ରମିକ ଉଦ୍ଧାର

**ହିଞ୍ଜିଳିକାଟୁ,୧।୮(ଡି.ଏନ୍.ଏ.):** ହିଞ୍ଜିଳି ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ ୧୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କ ପରିଚୟ ଯାଞ୍ଚ କରାଯାଇ ସେମାନଙ୍କ ଅଭିଭାବକ ମାନଙ୍କୁ ହସ୍ତାନ୍ତର କରାଯାଇଛି। ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ଶ୍ରମିକ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ଉଭୟ ଅଭିଭାବକ ଓ ମାଲିକମାନଙ୍କୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ ତାରିଖରୁ ଗଞ୍ଜାମ ପୋଲିସ ପକ୍ଷରୁ ଶିଶୁ ଶ୍ରମିକ ଉଦ୍ଧାର ପାଇଁ ଅପରେସନ୍ ପରୀ - ୩ ଆରମ୍ଭ ହୋଇଛି।

### ସମ୍ପତ୍ତି ଭାଗବଣ୍ଟାରୁ ମାରପିଟ୍: ସାନ ଭାଇ ଗୁରୁତର

**ହିଞ୍ଜିଳିକାଟୁ,୧।୮(ଡି.ଏନ୍.ଏ.):** ସମ୍ପତ୍ତି ଭାଗବଣ୍ଟାକୁ ନେଇ ଗୁରୁବାର ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମରେ ୨ଭାଇଙ୍କ ମଧ୍ୟରେ ମାରପିଟ ହୋଇଛି। ଏଥିରେ ସାନ ଭାଇ ଶ୍ରୀନିବାସ ରାଓ ଗୁରୁତର ଆହତ ହୋଇଛନ୍ତି। ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନିଆଯାଇଛି। ଖବରପାଇ ପୋଲିସ କଣ୍ଟେଇକୋଳି ଗ୍ରାମରୁ ଶ୍ରୀନିବାସଙ୍କ ବଡ଼ ଭାଇଙ୍କୁ ଆଣି ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### ୪ ଶିଶୁ ଶ୍ରମିକ ଉଦ୍ଧାର, ପରିବାର ଲୋକଙ୍କୁ ହସ୍ତାନ୍ତର

**ଶେରଗଡ଼,୧।୮(ଡି.ଏନ.ଏ.):** ଶେରଗଡ଼ ଥାନା ପକ୍ଷରୁ ବୁଧବାର ରାତି ପ୍ରାୟ ୮ଟାବେଳେ ପୋଲିସ ଶେରଗଡ଼ ବଜାରରେ ଚଢ଼ାଉ କରି ବିଭିନ୍ନ ପ୍ରତିଷ୍ଠାନରେ କାମ କରୁଥିବା ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଖବର ପାଇ ସେମାନଙ୍କ ପରିବାର ସଦସ୍ୟମାନେ ଥାନାକୁ ଆସିଥିଲେ। ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଓ ଏସ୍ଆଇ ରଘୁନାଥ ମାଝି ଶିଶୁମାନଙ୍କ ଅଭିଭାବକଙ୍କୁ ତାଗିଦ୍ କରିବା ସହ ସେମାନଙ୍କ ଜିମା ଦେଇଥିଲେ। କାମ ନ କରାଇ ଶିଶୁ ମାନଙ୍କୁ ପାଠ ପଢ଼ାଇବାକୁ ପରାମର୍ଶ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କବିସୂର୍ଯ୍ୟନଗର,୧।୮:** କବିସୂର୍ଯ୍ୟନଗର ବ୍ଲକ ସିଆଳିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ବିଷୋୟୀଙ୍କୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ବୁଧବାର ଅପରାହ୍ନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଭାରପ୍ରାପ୍ତ ନୂତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଳ୍ପଦ୍ୟୋଗୀ ତଥା ସାମାଜିକକର୍ମୀ ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ଭାବେ ଶିଶୁ ଗାଳ୍ପିକ ବିପିନ ବିହାରୀ ଶତପଥୀ ଓ ଅଧାପକ ଯୋଗିନ୍ଦ୍ର ନାଥ ବୈଦ୍ୟ, ଅତିଥି ଭାବେ ସୀମାଞ୍ଚଳ ନାହାକ, କାଳୁ ଚରଣ ତ୍ରିପାଠୀ, ଭାସ୍କର ଚନ୍ଦ୍ର ରଥ, ବୁଦ୍ଧିମନ୍ତ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାହାକ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀ ପ୍ରତ୍ୟେକ ସାହି ଛକରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଘଣ୍ଟ ମୃଦଙ୍ଗ ଓ ଶଙ୍ଖବାଦ୍ୟ ବଜାଇ ସମ୍ବର୍ଦ୍ଧିତ କରିଥିଲେ।

■ ତଳପଡ଼ା ଉଚ୍ଚ ପ୍ରାଥମିକ ସେବାଶ୍ରମ

# ପୂରଣ ହେଲାନି ଶିକ୍ଷକ ପଦବୀ

**ଫିରିଙ୍ଗିଆ, ୧।୮**

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ତଳପଡା ଉଚ୍ଚ ପ୍ରାଥମିକ ସେବାଶ୍ରମରେ ଶିକ୍ଷକ ଅଭାବ ଲାଗିରହିଛି। ଫଳରେ ପିଲାମାନଙ୍କୁ ଶିକ୍ଷାଦାନରେ ବାଧା ଉପୁଜିଛି। ଏ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇନାହିଁ। ଜିଲା ମଙ୍ଗଳ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅବଗତ କରିଥିଲେ ମଧ୍ୟ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏବେ ନୂଆ ଜିଲା ମଙ୍ଗଳ ଅଧିକାରୀ ନିଯୁକ୍ତ ହୋଇଥିଲେ ମଧ୍ୟ ଏ ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ।




ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକେ ପୁଣି ଚେତାବନୀ ଦେଇଛନ୍ତି। ଉକ୍ତ ସେବାଶ୍ରମରେ ପ୍ରଥମରୁ ୭ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ହଷ୍ଟେଲରେ ରହି ୧୩୯ ଛାତ୍ରୀଛାତ୍ର ପଢୁଥିବା ବେଳେ ୩୪ ଜଣ ପ୍ରତିଦିନ ଯିବା ଆସିବା କରନ୍ତି।

ଜାଗ୍ରତ କନ୍ଧମାଳର ସଭାପତି ଅଙ୍ଗଦ ବେହେରା କହିଛନ୍ତି, ଏଠାରେ ପୂର୍ବରୁ ଶିକ୍ଷକ ଅଭାବ ରହିଛି। ୧୦ ମାସ ତଳେ ୩ ଜଣ ଶିକ୍ଷକ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଛି। ୨ ଜଣ ଶିକ୍ଷକ ଏତେ ପିଲାଙ୍କୁ ପଢ଼ାଇବା ସମ୍ଭବ ହେଉନି। ଏଠାର ପ୍ରଶାସନିକ ଅଧିକାରୀଙ୍କ ମନମାନି ଯୋଗୁ ଆଦିବାସୀ ଏବଂ ପଛୁଆବର୍ଗ ପିଲାଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଏହାକୁ ଆଦୌ ବରଦାସ୍ତ କରାଯିବନି ବୋଲି ବେହେରା କହିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତ ହେବେ ବୋଲି କହିଛନ୍ତି।



୧୦ନଂ ୱାର୍ଡରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ

**ଗୋପାଳପୁର,୧।୮**

ଗୋପାଳପୁର ଏନ୍ଏସି ୧୦ ଓ ୧୧ନଂ ୱାର୍ଡର ଡ୍ରେନ ଉପରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘବର୍ଷ ଧରି ଏନଏସିର ବିଭିନ୍ନ ୱାର୍ଡରେ ଡ୍ରେନ ଉପରେ ବେଆଇନ ଭାବେ କୁଡ଼ିଆ ଘର ଓ ପକ୍କାଘର ନିର୍ମାଣ ହୋଇଛି। ଏହାଦ୍ୱାରା ଡ୍ରେନରେ ଅଳିଆ ଆବର୍ଜନା ଜମି ଆବର୍ଜନା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ତେଣୁ ଏନ୍ଏସି ପ୍ରଶାସନ ପକ୍ଷରୁ ପୂର୍ବରୁ ୨ ଓ ୭ ନଂ ୱାର୍ଡରେ ଜବରଦଖଲ ଉଚ୍ଛେଦ ହୋଇଥିବା ବେଳେ ଏବେ ୧୦ ଓ ୧୧ ନଂ. ୱାର୍ଡର ଡ୍ରେନ ଉପରୁ ବେଆଇନ ଭାବେ ନିର୍ମାଣ ହୋଇଥିବା ଘର ଭଙ୍ଗାଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ଆଗାମୀ ଦିନରେ ଅନ୍ୟ ୱାର୍ଡଗୁଡ଼ିକରୁ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ମୌସୁମୀ ବର୍ଷା ଚାଲିଥିବା ଯୋଗୁ ଯୁଦ୍ଧକାଳୀନ ଭିତ୍ତିରେ ଜବରଦଖଲ ଉଚ୍ଛେଦ କରାଯାଇ ସହରକୁ ସ୍ୱଚ୍ଛ ସୁନ୍ଦର କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

## କାର୍ଯ୍ୟରେ ଲାଗୁନି ଡିପ୍ ବୋର୍‌ୱେଲ

**କବିସୂର୍ଯ୍ୟନଗର,୧।୮**

ପରିବର୍ତ୍ତିତ ଜଳବାୟୁ ସହିତ ପ୍ରଶାସନିକ ଉଦାସୀନତାର ଶିକାର ହେଉଛନ୍ତି କବିସୂର୍ଯ୍ୟନଗର ସହରର ଅଣଜଳସେଚିତ ଜମିର ଚାଷୀ। ସହରର ପୂର୍ବଦିଗରେ ଅଣଜଳସେଚିତ ବଗଡ଼ମାଳର ଶହ ଶହ ଏକର ଜମି ପଡିଆ ପଡିଛି। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଚାଷୀକୂଳ ମୃଗମାନଙ୍କ ଅବାଧ ବିଚରଣ ହେଉ ବା ଇଚ୍ଛାଶକ୍ତି ଅଭାବରୁ ଚାଷଜମି ପଡିଆ ପଡ଼ିଛି। ୨୦୧୭-୧୮ରେ ବିଜୁ କୃଷକ ଡିପ୍ ବୋର୍‌ୱେଲ ଯୋଜନାରେ ୩୦ରୁ ଅଧିକ ଚାଷୀ ଆବେଦନ କରି ବୋର୍‌ୱେଲ ଖୋଳିଲେ। କିନ୍ତୁ ବିଦ୍ୟୁତ୍ ସଂଯୋଗ ୨ ବର୍ଷ ହେଲା ହୋଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଜମି ହଳକରି ପାଣିକୁ ଅନାଇ ରହିଛନ୍ତି ଚାଷୀକୂଳ। ଏ ନେଇ ନିର୍ବାହୀ ଯନ୍ତ୍ରୀ, ବିଧାୟକଙ୍କୁ ବାରମ୍ବାର ଗୁହାରି କରି ବିଫଳ ହୋଇଥିବା କହିଛନ୍ତି ହେମନ୍ତ ପଟ୍ଟନାୟକ, ହୀନ ଖୁଣ୍ଟିଆ, ଗୌରୀ ଶଙ୍କର ପାତ୍ର, ସ୍ୱରାଜ୍ୟ ଗୌଡ଼,



ଅଚଳ ବିଜୁ କୃଷକ ଡିପ୍ ବୋର୍‌ୱେଲ

ନିକୁଞ୍ଜ ଭୂୟାଁ ଓ ଗୁଡ଼ିଆଳି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚାଷୀ। ପୁରୁଷୋତ୍ତମପୁରରେ ଅବସ୍ଥିତ ଓଡ଼ିଶା ଜଳସେଚନ ପ୍ରକଳ୍ପ ଅଧିକାରୀ ଚାଷୀଙ୍କୁ କିଭଳି ଶୀଘ୍ର ବିଦ୍ୟୁତ୍ ମିଳିପାରିବ ଦୃଷ୍ଟି ଦେବାକୁ ଦାବି ହେଉଛି।

ଏନେଇ କବିସୂର୍ଯ୍ୟନଗର ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ସାହୁଙ୍କୁ ପଚାରିବାରୁ ଏନେଇ ଇ-ଟେଣ୍ଡର କରାଯାଇଛି ୨୫ଦିନ ମଧ୍ୟରେ ପ୍ରକ୍ରିୟା ସରିଲେ କାମ ହେବ ବୋଲି କହିଛନ୍ତି।

## ସୁନାଗହଣା, ଟଙ୍କା ଚୋରି

**ଦିଗପହଣ୍ଡି,୧।୮(ଡି.ଏନ୍.ଏ.)**

ଦିଗପହଣ୍ଡି ଥାନା ଏସ.ଚାଞ୍ଚଡାପଲ୍ଲୀ ଗ୍ରାମର ଜଣଙ୍କ ଘର କବାଟ ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏସ.ଚାଞ୍ଚଡାପଲ୍ଲୀ ଗ୍ରାମରେ ରହୁଥିବା ବରୁଣ ନାୟକ ଓ ପରିବାରର ସମସ୍ତ ସଦସ୍ୟ ରାତିରେ ଖାଇସାରି ଶୋଇଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘରର ପଛପଟ କବାଟ ଭାଙ୍ଗି ଘରେ ପଶି ଆଲମାରି ତାଡି ୫ଲକ୍ଷ ଟଙ୍କା ମୂଲ୍ୟର ୧୮ ଭରି ସୁନା ଅଳଙ୍କାର, ୧୦ ଭରି ରୂପା ଅଳଙ୍କାର, ନଗଦ ୨୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଲୁଟି ନେଇଥିଲେ। ବରୁଣ ଏନେଇ ଗୁରୁବାର ସକାଳେ ଦିଗପହଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ଟିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏନେଇ ନଂ.୧୩୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍ଆଇ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

## ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ନିର୍ଯାତିତା

**ଭୁବନେଶ୍ୱର,୧।୮(ବ୍ୟୁରୋ)**

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତା ଜଣେ ମହିଳା ମୁମ୍ବାଇରେ ନାନାଦି ଅତ୍ୟାଚାରର ଶିକାର ହେବା ପରେ ନ୍ୟାୟ ପାଇଁ ବୁଧବାର ଭୁବନେଶ୍ୱର ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ଜି.ଉଦୟଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅତ୍ୟାଚାର କରି ଘରୁ ବାହାର କରିଦେଇଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ କାମ ଅନ୍ୱେଷଣରେ ମୁମ୍ବାଇ ବାହାରିଯାଇଥିଲେ। ମାତ୍ର ସେଠାରେ ଉତ୍ତରପ୍ରଦେଶ ଅଞ୍ଚଳର ଜଣେ ଦଲାଲଙ୍କ ହାବୁଡରେ ପଡିଯାଇଥିଲେ। ଉକ୍ତ ବ୍ୟକ୍ତି ଜଣକ ଚାଲାକର ସହ ତାଙ୍କୁ କୋର୍ଟରେ ବିବାହ କରିବା ପରେ ବିଭିନ୍ନ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଏପରିକି ତାଙ୍କୁ ଦେହ ବ୍ୟବସାୟରେ ଲିପ୍ତ ହେବା ପାଇଁ ବାଧ୍ୟ କରିଥିଲେ। ଏ ନେଇ ମହିଳା ଜଣଙ୍କ ଅରାଜି ହେବାରୁ ତାଙ୍କୁ ୨୫ ମହଲା ଉପରୁ ତଳକୁ ଠେଲି ଦେବାକୁ ଧମକ ଦେଇଥିଲେ। ଏପରିକି ମହିଳାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ତାଙ୍କଠାରୁ ଟଙ୍କା ସୁନା ରୁପା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ମୁମ୍ବାଇରେ ରହିଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଫଳରେ ମହିଳା ଜଣଙ୍କ ଓଡ଼ିଶା ଫେରିଆସିବା ସହ ନ୍ୟାୟ ପାଇବା ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

## ୧ ନଂ.ରେ ହିଞ୍ଜିଳି, ୩୦ତମ ସ୍ଥାନରେ ସିଟି ହସ୍ପିଟାଲ

**ଛତ୍ରପୁର,୧।୮(ଡି.ଏନ.ଏ)**

**ପରିମଳ, ସଫେଇ ପ୍ରସଙ୍ଗ**

ସଫେଇ ଓ ଉତ୍ତମ ପରିମଳ ବ୍ୟବସ୍ଥା ପାଇଁ ହିଞ୍ଜିଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଥିବା ହେଡକ୍ୱାର୍ଟରେ ତଥା ସିଟିହସ୍ପିଟାଲ ୩୦ତମ ସ୍ଥାନରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ହସ୍ପିଟାଲର ସଫେଇ, ପ୍ରସୂତି ଗୃହ, ଅପରେଶନ ଥିଏଟର, ଓପିଡି, ଆଇପିଡିର ସଫେଇକୁ ଆଧାର କରି ମାର୍କ ମିଳିଥାଏ। ମିଳିଥିବା ସୂଚନା ଅନୁସାରେ ହିଞ୍ଜିଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶତପ୍ରତିଶତ ମାର୍କ ମିଳିଥିବା ବେଳେ ଛତ୍ରପୁର ହସ୍ପିଟାଲକୁ ୯୯%, ଭଞ୍ଜନଗର ହସ୍ପିଟାଲକୁ ୯୮ %, ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୯୮% ନମ୍ବର ମିଳିଛି। ସେହିପରି କୋଦଳା, ଆସିକା, ଭାଟକୁମରଡା ଓ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୯୭ % ଲେଖାଏ, ମୁନିସିପେଣ୍ଟକୁ ୯୪%, ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକୁ ୯୨% ନମ୍ବର ମିଳିଛି। ବୁଗୁଡାକୁ ୮୬ %, ବେଲଗାଁ, ପାତ୍ରପୁର ଓ ବୋମକେଇକୁ ୮୬ % ଲେଖାଏଁ, ବଡଗଡକୁ ୮୪ %, ଦିଗପହଣ୍ଡିକୁ ୭୯%, ଶେରଗଡକୁ ୭୦%, ସୋରଡାକୁ ୬୯ %, ଖଣ୍ଡଦେଉଳିକୁ ୬୮%, ଟିକିଟି ବାଲିସିରାକୁ ୬୬ % ଲେଖାଏଁ, ସୁମଣ୍ଡଳ, ଗାଲେରୀ, ପୁରୁଷୋତ୍ତମପୁର ଓ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୫ % ଲେଖାଏଁ, ଗିରିଶୋଳକୁ ୪୭ %, ସିଟି ହସ୍ପିଟାଲକୁ ୪୬%, କେଲୁଆପଲ୍ଲୀକୁ ୩୪% ଏବଂ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୯% ମାର୍କ ମିଳିଛି।

## ବିଇଓଙ୍କୁ ସମ୍ବର୍ଦ୍ଧନା

**ହାତୀଓଟ/ପୋଲସରା, ୧।୮(ଡି.ଏନ.ଏ.)**

ପୋଲସରା ବ୍ଲକ ଶିକ୍ଷକ ମହାସଂଘ ତରଫରୁ ବୁଧବାର ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାସଂଘ ଆବାହକ ତଥା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ପ୍ରତିନିଧିମାନେ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ନୂତନ ବିଇଓ ତ୍ରିଲୋଚନ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ମହାସଂଘ ତରଫରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଇଓଙ୍କ ସହ ଆଲୋଚନା ହୋଇଥିଲା। ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅମିତାଭ ମିଶ୍ର, ପ୍ରାଥମିକ ଶିକ୍ଷକ ସଂଘ (ଏନ୍.ପି.ଏସ୍)ର ସଭାପତି ସନ୍ନ୍ୟାସୀ ସାହୁ, ସମ୍ପାଦକ ଦିଲୀପ କୁମାର ସେଠୀ, ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡେର୍)ର ସଭାପତି ଲମ୍ବୋଦର ଦାସ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ହରିହର ନାୟକ, ସମ୍ପାଦକ କାଙ୍ଗ ବାଢେଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ଶେରଗଡ଼,୧।୮(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ଗୋବିନ୍ଦପୁର ବାଲିସାହି ରାସ୍ତାରେ ଗୁରୁବାର ସକାଳ ୯ଟା୧୫ରେ ୧୧କେଭି ତାର ଲାଗି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋବିନ୍ଦପୁର ଗ୍ରାମର ବୃନ୍ଦାବନ ସ୍ୱାଇଁ (୫୦)। ବୃନ୍ଦାବନ ଗ୍ରାମରାସ୍ତା କଡରେ ଥିବା ଏକ କାକପୋଇ ଗଛରେ ଚଢି ଡାଳ କାଟୁଥିଲେ। ଡାଳଟି କାଟିବା ପରେ ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ତାର ଉପରେ ପଡିଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେହି ଗଛ ଉପରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଭାଗୀୟ ଯନ୍ତ୍ରୀ ଦିଲେଶ୍ୱର ଆଚାରି, ଶେରଗଡ଼ ଥାନା ଏସ୍ଆଇ ରଘୁନାଥ ମାଝି ଓ ଏଏସ୍ଆଇ ହରିହର ଗନ୍ତାୟତ ପହଞ୍ଚିଥିଲେ। ପରେ ଦମକଳ ବାହିନୀକୁ ଡାକି ଗଛରେ ଲାଗିଥିବା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛନ୍ତି। ଏନେଇ



ମୃତ ବୃନ୍ଦାବନଙ୍କ ପୁଅଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଶେରଗଡ ଥାନାରେ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ ଗୋବିନ୍ଦପୁର ସରପଞ୍ଚ ସୀମାଞ୍ଚଳ ପ୍ରଧାନଙ୍କ ଉପସ୍ଥିତିରେ ମୃତ ବୃନ୍ଦାବନଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

**ବୁଗୁଡ଼ା,୧।୮(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାରଠାରୁ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜ୍ଞାନୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସିଆରସିସି ପ୍ରଫୁଲ୍ଲ କୁମାର ସାହୁ, ଚୁନିବାଳା କର ଓ ନିରଞ୍ଜନ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷିକା ମାନସୀ କୁମାରୀ ଦାଶ ଓ ବୈଜୟନ୍ତୀମାଳା ପ୍ରଧାନ ପ୍ରମୁଖ ୭୨ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ଦେଇଥିଲେ।



ତାଲିମ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

**୭ ଖଣି ନିଲାମ ପାଇଁ ବିଜ୍ଞପ୍ତି**

# ଖଣି ହାତେଇବାକୁ ଦୌଡ଼

**ଭୁବନେଶ୍ୱର,୧।୮(ବ୍ୟୁରୋ)**

- ୪ ଚୂନପଥର, ୨ କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି
- ୨୦,୦୦୦ କୋଟି ଟଙ୍କା ମୂଲ୍ୟର ୧୨୦ ମିଲିୟନ ଟନ୍ ଖଣିଜ ସମ୍ପଦ

ରାଜ୍ୟର ୭ଟି ଖଣିର ନିଲାମୀ ପାଇଁ ବୁଧବାର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ୪ଟି ଚୂନ ପଥର ଖଣି. ୨ଟି କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି ରହିଛି। ସବୁ ଖଣିକୁ ଇ-ଅକ୍ସନ କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ନିଲାମ ହେବାକୁ ଥିବା ଚୂନପଥର ଖଣିଗୁଡିକ ହେଉଛି ପିପଲମୁଣ୍ଡା, ଖାଟ୍‌କୁରବାହାଲ(ଉତ୍ତର), ଗାରାମୁରା, ବେହେରା ବାଞ୍ଜିପାଲି, ସରୁଆବିଲ ଏବଂ କମର୍ଦ୍ଧା କ୍ରୋମାଇଟ୍ ଖଣି ନିଲାମ ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି। ଅନୁରୂପଭାବେ ଗ୍ରାଫାଇଟ୍ ଗଚ୍ଛିତ ଥିବା ଜଗଦଲପୁର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏସବୁ ଖଣି ହାତେଇବା ଲାଗି ପ୍ରଭାବଶାଳୀ ସଂସ୍ଥାର ଦୌଡ଼ ଆରମ୍ଭ ହୋଇଯାଇଛି।

ଚୂନପଥର ଥିବା ଖାଟ୍‌କୁରବାହାଲ (ଉତ୍ତର) ଏବଂ କ୍ରୋମାଇଟ୍ ଥିବା ସାରୁଆବିଲ ବ୍ଲକ ଖଣି ପାଇଁ ଟେଣ୍ଡର ପେପର ମୂଲ୍ୟ ୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଅନ୍ୟ ୫ଟି ବ୍ଲକ ପାଇଁ ଟେଣ୍ଡର ପେପର ମୂଲ୍ୟ ଏକ ଲକ୍ଷ ଟଙ୍କା ଲେଖାଏ ରହିଛି। ଖଣି ପାଇଁ ଆର୍ଥିକ ନିଲାମୀ ଆହ୍ୱାନ(ବିଡ୍) ଡିଜିଟାଲ ମାଧ୍ୟମରେ ଗ୍ରହଣ କରାଯିବ। ଅପରପକ୍ଷରେ ବୈଷୟିକ ନିଲାମୀ ଆହ୍ୱାନ ପାଇଁ ଉଭୟ ଡିଜିଟାଲ ଏବଂ ହାର୍ଡକପି ଫର୍ମାଟରେ ଯୋଗ୍ୟ ଲିଜ୍‌ଧାରୀଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶଠାରୁ ଟେଣ୍ଡର ପେପର କ୍ରୟ କରାଯାଇପାରିବ, ଏଥିପାଇଁ ୧୧ ସେପ୍ଟେମ୍ବରକୁ ଶେଷ ତାରିଖ ରଖାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୨୦ ଅପରାହ୍ନ ୫ଟା ମଧ୍ୟରେ ନିଲାମ ଆହ୍ୱାନର ଶେଷ ଦିନ ଧାର୍ଯ୍ୟ କରାଯାଇଛି। କେବଳ ଏହି ୭ଟି ଖଣି ନୁହେଁ, ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଆହୁରି ୩୩ଟି ଖଣିର ଲିଜ୍ ଅବଧି ସରିବ। ଏହା ପୂର୍ବରୁ ଏହାର ପୁନର୍ବାର ଲିଜ୍ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। କମର୍ଦ୍ଧା କ୍ରୋମାଇଟ୍ ଖଣି ବି.ସି ମହାନ୍ତି ଏଣ୍ଡ ସନ୍ସ(ପ୍ରା) ଲିଃ, ସାରୁଆବିଲ ଖଣି ମିଶ୍ରି ଲାଲ ମାଇନ୍ସ(ପ୍ରା) ଲିଃ ହାତରେ ରହିଥିବା ଜଣାପଡିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦୁଇ ଦଶନ୍ଧି ଧରି ରାଜ୍ୟର ଖଣି ସାମ୍ରାଜ୍ୟରେ ପ୍ରଭାବ ବିସ୍ତାର କରିଥିବା ଏକ ସଂସ୍ଥା ସଂଖ୍ୟାଧିକ ଖଣି ହାତେଇବା ପାଇଁ ଲବିକୁ ଜୋରଦାର କରିଛି। ଏଥିପାଇଁ ଆବଶ୍ୟକ ଥିବା ରାଜନୈତିକ ଏବଂ ପ୍ରଶାସନିକ ଲବିକୁ ମଜଭୁତ୍ କରିଛି। ଖଣି ହାତେଇବାକୁ ଚାହୁଁଥିବା ଏହି ସଂସ୍ଥା କେନ୍ଦ୍ର-ରାଜ୍ୟସ୍ତରରେ ଯେପରି କୌଣସି ପ୍ରଶାସନିକ ବାଧା ନ ଉପୁଜେ, ସେଥିପାଇଁ ସବୁ ଉଦ୍ୟମ କରିସାରିଥିବା ଆଲୋଚନା ହେଉଛି। ଅନ୍ୟ ଏକ କମ୍ପାନୀ ମଧ୍ୟ ଗ୍ରାଫାଇଟ୍ ଖଣିକୁ ହାତେଇବା ପାଇଁ ଚାହୁଁଛି। ଏଥିପାଇଁ ରାଜ୍ୟ ପ୍ରଶାସନିକସ୍ତରକୁ ଖୁସି କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଖଣିଜ ସମ୍ପଦରେ ସମୃଦ୍ଧ ଥିବା ଓଡ଼ିଶାରେ ଖଣି ଦୁର୍ନୀତିକୁ ନେଇ ଜାତୀୟସ୍ତରରେ ଚର୍ଚ୍ଚାର କାରଣ ହୋଇଛି। ଦୁଇବର୍ଷ ତଳେ ବେଆଇନ ଖଣି ଖନନ କାରଣରୁ ସ୍ଥାନୀୟ ଖଣି ମାଲିକଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହୋଇଥିବା ଖଣି ଦୁର୍ନୀତି ପାଇଁ ଧାର୍ଯ୍ୟ ଜରିମାନା ପରିମାଣ ସମ୍ପୂର୍ଣ୍ଣ ଆଦାୟ ହୋଇ ନ ଥିବା ଜଣାପଡିଛି। ଯଦି ଗୁଜରାଟ, ତାମିଲନାଡୁର ଖଣି ମାଲିକମାନେ ଟେଣ୍ଡର ହାସଲରେ ସଫଳ ହୁଅନ୍ତି, ତେବେ ସେମାନେ ଯେ ବେଆଇନ ଖନନ ନ କରିବେ, ସେ କଥାର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ଯେ, ଖଣି କମ୍ପାନୀଗୁଡିକ ରାଜ୍ୟ ଏବଂ କେନ୍ଦ୍ର ପ୍ରଶାସନର ସହାୟତାରେ ସର୍ବୋଚ୍ଚ ମୁନାଫା ଅର୍ଜନ କରିବେ। ଏଥିସହିତ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ଲୁଟ୍ କରିବେ। ପରେ ଅବଶ୍ୟ କିଛିଟା ହୋହାଲ୍ଲା ହେବାପରେ ତଦନ୍ତ ହେବ, ଜରିମାନା ଧାର୍ଯ୍ୟ ହେବ। ଖଣି ମାଲିକମାନେ ଆଇନର ଗଳାବାଟ ଦେଇ ଧାର୍ଯ୍ୟ ଜରିମାନା ହ୍ରାସ ମଧ୍ୟ କରିପାରନ୍ତି। ହେଲେ ସେତେବେଳକୁ ଓଡ଼ିଶାର ସମ୍ପଦ ଚୋରି ହୋଇଯାଇଥିବ। ଟେଣ୍ଡର ଆହ୍ୱାନ କରାଯାଇଥିବା ଏହି ୭ଟି ଖଣିରେ ୨୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ୧୨୦ ମିଲିୟନ ଟନର ସମ୍ପଦ ରହିଥିବା ଜଣାପଡିଛି।

# ହଷ୍ଟେଲ ନ ଥିବାରୁ ସ୍କୁଲ ଛାଡ଼ିଲେ ୪୦ ଛାତ୍ରୀଛାତ୍ର

ଜେକେପୁର,୧୮(ଡି.ଏନ୍.ଏ.)

କୋଲନରାଠାରେ ୨୦୧୭ରେ ସ୍ଥାପନ ହେଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ପ୍ରଥମେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ପିଲାମାନେ ପାଇଲେ ସିଟ୍। ବ୍ଲକର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ନାମ ଲେଖାଇଲେ। କିନ୍ତୁ ସ୍କୁଲରେ ନ ଥିଲା ହଷ୍ଟେଲ। ଶୁଣିଲେ ଏବର୍ଷ ନାହିଁ ଆସନ୍ତା ବର୍ଷ ଆଡକୁ ନିର୍ମାଣ ହେବ ହଷ୍ଟେଲ। ଅଞ୍ଚଳର ୪୦ କି.ମି. ପରିସରରୁ ଦୈନିକ ବସ୍, ଅଟୋ, ବାଇକ୍, କମାଣ୍ଡରରେ ପିଲାମାନଙ୍କୁ ଅଭିଭାବକମାନେ ସ୍କୁଲକୁ ପଠାଇଲେ। କିନ୍ତୁ ଏହା ମଧ୍ୟରେ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ହଷ୍ଟେଲର ନାଁ ଗନ୍ଧ ନାହିଁ। ଏହା ମଧ୍ୟରେ ପିଲାମାନଙ୍କର ଭବିଷ୍ୟତ କ'ଣ ହେବ ଭାବି ଚଳିତବର୍ଷ ପୂଜାରୀଗୁଡା, ବନ୍ଧାଗୁଡା, ମୁକୁଳପୁର, ହାତିଖମ୍ବା, ଭୋଇଁମେଡା, ସାଲିବି, ଡୁମୁରିଗୁଡା, ପଙ୍ଗିଲି, ପଲିପିଣ୍ଡା, ବନ୍ଧେଇଗୁଡା, ଦେଓପୁର, ମଦନପୁର, ତାଣ୍ଡିପୁର, ରେବତୀଗୁଡା, ଲେଲିବାଣିଗାଁ ରୁ ଆସୁଥିବା ୪୦ ଛାତ୍ରୀଛାତ୍ରଙ୍କ ଅଭିଭାବକ ଟିସି ନେଇ ଯାଇଛନ୍ତି। ଏହାଛଡ଼ା ଏଠାରେ ଆହୁରି ମଧ୍ୟ ବିଭିନ୍ନ ଅବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ୬ଷ୍ଠରୁ ୯ମ ଶ୍ରେଣୀ ମଧ୍ୟରେ ୨୮୨ ଛାତ୍ରୀଛାତ୍ର ପାଠ ପଢନ୍ତି। ସ୍କୁଲରେ ୧୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳରେ ମାତ୍ର ୬ ଜଣ ରହିଛନ୍ତି। ସଂସ୍କୃତ, ଇଂଲିଶ୍, ଗଣିତ, ବିଜ୍ଞାନ, ସାହିତ୍ୟ ଓ ନୃତ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବାବେଳେ ଓଡ଼ିଆ, କମ୍ପ୍ୟୁଟର, ପିଟି, ଆର୍ଟ୍ସ, ହିନ୍ଦୀ ଶିକ୍ଷକ ସ୍କୁଲ ଆରମ୍ଭରୁ ନାହାନ୍ତି। ଏହି ବିଷୟ ବୁଝିବା ପାଇଁ ପିଲାଙ୍କର ସମସ୍ୟା ହେଉଛି। ଏହାଛଡ଼ା ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବହି, ଡ୍ରେସ୍, ଜୋତା କିଣିବାକୁ ପଡିବ। ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ମିଳୁନି ବୋଲି ମଧ୍ୟ ଅଭିଭାବକମାନେ କହିଛନ୍ତି। ସ୍କୁଲଟି ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ୧ ଏକର ୩ ସେଣ୍ଟ ଜାଗାରେ ତିଆରି ହୋଇଛି। ବିଦ୍ୟାଳୟ ନାମରେ ଆଦୌ ଜମି ନାହିଁ। ଏ ସବୁ ବିଷୟ ନେଇ ଗତ ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରେ କୋଲନରା ତହସିଲଦାର ମାନସୀ ନାୟକଙ୍କୁ ସ୍କୁଲ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ସ୍କୁଲ ସମସ୍ୟା ସମାଧାନ କରିବାକୁ ଅଭିଭାବକ ତ୍ରିନାଥ ତେଇକା, ସୋବିନା ହିକ୍କା, ରାଜାରାଓ କଣ୍ଡାଗରି, ରାମ ପେଦେଣ୍ଟି, ଧର୍ମାରାଓ ମୁଷ୍ଟୁକା, ଅଶୋକ ହିକ୍କା, ଲିଲି ପାତ୍ର, ଗାୟତ୍ରୀ ଉଲ୍ଲାକା, ସାଲାଇ ଅଟକା, ରଶ୍ମିତା କଣ୍ଡାଗରି, ସତ୍ୟ ହିମିରିକା ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ଅଭିଭାବକଙ୍କ ଦାବି ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବି। ସମସ୍ୟା ସମାଧାନ ପାଇଁ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ତହସିଲଦାର କହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି।

**ସମସ୍ୟାରେ ଆଦର୍ଶ ବିଦ୍ୟାଳୟ**

- ୯ମ ଶ୍ରେଣୀକୁ ନାହିଁ ମଧ୍ୟାହ୍ନ ଭୋଜନ
- ୨୮୨ ପିଲାଙ୍କୁ ୬ ଶିକ୍ଷୟିତ୍ରୀ ଶିକ୍ଷକ





ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକମାନେ।

# ସ୍କୁଲ ସମସ୍ୟା ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

ଟିଂକିରି,୧୮(ଡି.ଏନ୍.ଏ.)

କାଶୀପୁର ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ସ୍କୁଲରେ ରହିଥିବା ସମସ୍ୟା ସମାଧାନ କରିବାକୁ ଅଭିଭାବକମାନେ ବିଡିଓ ଦେବଧର ପ୍ରଧାନଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଆଦର୍ଶ ବିଦ୍ୟାଳୟ ସ୍ଥାପନର ଦୁଇ ବର୍ଷ ପରେ ମଧ୍ୟ ସ୍କୁଲର ନିଜସ୍ୱ ଶ୍ରେଣୀ ଗୃହ ନାହିଁ। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହରେ ପିଲାମାନଙ୍କ ପାଠପଢା ଚାଲିଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୨୧୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଛାତ୍ରୀମାନଙ୍କ ପାଇଁ ସ୍କୁଲରେ ହଷ୍ଟେଲ ସୁବିଧା ମଧ୍ୟ ନାହିଁ। ଏଠାରେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷ ମଧ୍ୟ ନାହାନ୍ତି। ୧୫ ଦିନ ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅଭିଭାବକ କବିସୂର୍ଯ୍ୟ ନାୟକ, ଅଭିରାମ ମାଝି, ସୁଦନ ମାଝିଙ୍କ ନେତୃତ୍ୱରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି।

## ସଂକ୍ଷେପରେ



### ଖଟିଆରେ ବୁହା ହେଲେ ଗର୍ଭବତୀ

**ଆମ୍ବାଦୋଳା,୧୮(ଡ଼ି.ଏନ.ଏ):** ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଗୁରୁବାର ଜଣେ ଗର୍ଭବତୀଙ୍କୁ ୮ କି.ମି ଖଟିଆରେ ବୋହି ନେଇଛନ୍ତି। ପରେ ଆମ୍ବୁଲାନ୍ସ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରଥିଲା। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଡ଼ିମିରିଗୁଡ଼ା ପଞ୍ଚାୟତ କଟାଙ୍ଗ ଗ୍ରାମରେ। ଗ୍ରାମର ଗୁଡୁ ମାଝିଙ୍କ ସ୍ତ୍ରୀ ଆର୍ଗୁଲି ମାଝି(୨୦)ଙ୍କ ମଧ୍ୟାହ୍ନ ୧୨ଟାରେ ପ୍ରସବଜନିତ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କ ସ୍ୱାମୀ ଗୁଡୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଗ୍ରାମଟି ପାହାଡ଼ ଉପରେ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରି ଅମଡ଼ାପଦରରେ ଅଟକି ରହିଥିଲା। ପରେ ସ୍ୱାସ୍ଥ୍ୟକର୍ମୀ ଶକୁନ୍ତଳା ହଂସ ପାହାଡ଼ି ରାସ୍ତା ଦେଇ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପ୍ରବଳ ବର୍ଷା ସତ୍ତ୍ୱେ ଖଟିଆରେ ୮ କିମି ବୋହି ପାହାଡ଼ ତଳକୁ ଆଣିଥିଲେ। ପରେ ଆମ୍ବୁଲାନ୍ସରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଶିକ୍ଷକ ନିଲମ୍ବିତ

**ରାୟଗଡ଼ା ଅଫିସ,୧୮(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ମରାଠିଗୁଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନୀଳାଞ୍ଚଳ ମିଶ୍ର ନିଲମ୍ବିତ ହୋଇଛନ୍ତି। ସେ ବିଇଓଙ୍କୁ ଖରାପ ବ୍ୟବହାର କରିଥିବାରୁ ତାଙ୍କ ପ୍ରତି ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

### ଶ୍ରୀ ବଡମାଙ୍କ ୧୨୬ ତମ ଜନ୍ମ ଉତ୍ସବ

**ବେଗୁନିଆପଡା,୧୮(ଡି.ଏନ.ଏ):** ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳସ୍ଥିତ ସତ୍ସଙ୍ଗ ବିହାର ପରିସରରେ ଶ୍ରୀ ବଡ଼ମାଙ୍କ ୧୨୬ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭାତରେ ଦେବ ମାଙ୍ଗଳିକ ଓ ନହବତ, ଉଷା କୀର୍ତ୍ତନ, ସମବେତ ପ୍ରତ ବିନତି, ପ୍ରାର୍ଥନା, ସଂଗୀତାଞ୍ଜଳି ଓ ସତ୍ସଙ୍ଗ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବୈକୁଣ୍ଠନାଥ ପାଇକରାୟ ବଡ଼ମାଙ୍କ ଜୀବନୀ ଓ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଆଧାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏମ. ରାଘବ ସୁବୁଦ୍ଧି, ମନୋଜ କୁମାର ସାହୁ, ଦୁର୍ଯ୍ୟୋଧନ ମହାନ୍ତିଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ଆନନ୍ଦ ବଜାରରେ ପ୍ରସାଦ ସେବନ କରାଯାଇଥିଲା।



ରାଜ୍ୟପାଳଙ୍କ ଗହଣରେ ଛାତ୍ରୀଛାତ୍ର।

# ରାଜ୍ୟପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

ଟିକିରି,୧୮(ଡି.ଏନ୍.ଏ.)

ଓକ୍ରିଜ୍ ଇଣ୍ଟରନ୍ୟାଶନାଲ ସ୍କୁଲ ବିଶାଖାପାଟଣାର ଛାତ୍ରୀଛାତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି। ସେମାନଙ୍କ ଗିଭ୍ ୱେ ଟୁ ଆମ୍ବୁଲାନ୍ସ ଅଭିଯାନ ବିଷୟରେ ଅବଗତ କରିଛନ୍ତି। ଏହି ପ୍ରତିନିଧି ଦଳରେ ସ୍କୁଲର ବିଦ୍ୟାର୍ଥୀ ଲାଲାଧର ମଲ୍ଲ, ତନିସା ପଟେଲ, ଆଞ୍ଜେଲା ରଞ୍ଜନ, ତନୁଶ୍ରୀ ଦେବୀ, ଫୈଜାନ ଖାନ, ଦିଲ୍‌ସାନ୍ ନାୟକ ଓ ତ୍ରିବେଦ ନାୟକଙ୍କ ସମେତ ସ୍କୁଲର ଅଧିକାରୀ କଲ୍ୟାଣୀ ପଇଦି, ନୀଳବର ଟିକେଲା ଓ ସ୍କୁଲ ନିର୍ଦ୍ଦେଶକ ନଳିନୀ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଏହି ଅବସରରେ ତନିସା ପଟେଲ ଓ ଆଞ୍ଜେଲା ରଞ୍ଜନ ନିଜ ଅଭିଜ୍ଞତାକୁ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ ଯେ, ଆମ ସହର ଜୟପୁରରେ ଘାଟି ରାସ୍ତାରେ ଦୁର୍ଘଟଣା ଘଟିବା ବେଳେ ଟ୍ରାଫିକ୍‌ରେ ଆମ୍ବୁଲାନ୍ସ ଫସି ରହିବା ଦେଖୁଛି। ୨୦୧୯ ମାର୍ଚ୍ଚରେ ବିଶିଷ୍ଟ କ୍ରିକେଟ ଖେଳାଳି ଭିଭିଏସ୍ ଲକ୍ଷ୍ମଣ ଗିଭ୍ ୱେ ଟୁ ଆମ୍ବୁଲାନ୍ସ ଅଭିଯାନକୁ ଓକ୍ରିଜର ବିଶାଖାପାଟଣା କ୍ୟାମ୍ପସରେ ଉନ୍ମୋଚନ କରିଥିଲେ। ଆନ୍ଧ୍ର ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢୁଥିବା ଲୀଳାଧର ମଲ୍ଲ କହିଛନ୍ତି ଯେ, ଦୁର୍ଘଟଣା ସମ୍ପର୍କରେ ଖବରପାଇ ଏକ ଆମ୍ବୁଲାନ୍ସ ୧୫ ମିନିଟ୍ ଭିତରେ ଘଟଣାସ୍ଥଳରେ ପହଞ୍ଚିବା ଦରକାର ଓ ରୋଗୀଙ୍କୁ ୨୦ ମିନିଟ୍ ଭିତରେ ଡାକ୍ତରଖାନାରେ ପହଞ୍ଚାଇବା ଉଚିତ ବୋଲି କହିଥିଲେ। ଓକ୍ରିଜ୍ ଛାତ୍ରୀଛାତ୍ରଙ୍କ ଏହି ମହତ୍ପୂର୍ଣ୍ଣ ଅଭିଯାନକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍କୁଲ ନିର୍ଦ୍ଦେଶକ ଶ୍ରୀବାସ୍ତବ କହିଛନ୍ତି ଯେ, ଏହି ଅଭିଯାନ ଜରିଆରେ ତିନି ମାସରେ ଆମେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ ଓ ଝାଡ଼ଖଣ୍ଡର ୧୧,୩୦୦ ଲୋକଙ୍କ ପାଖରେ ପହଞ୍ଚିଛୁ।

# ୪୬ ଡ୍ରାଇଭିଂ ଲାଇସେନ୍ସ ଜବତ

ରାୟଗଡ଼ା ଅଫିସ, ୧୮

ପୋଲିସ ଓ ପରିବହନ ବିଭାଗ ରାୟଗଡ଼ା ସହର ସମେତ ଏହାର ଉପକଣ୍ଠ ଅଞ୍ଚଳରେ ଧରପଗଡ଼ କରି ବେପରୁଆ ଭାବେ ଗାଡ଼ି ଚଲାଉଥିବା ୪୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରି ସେଗୁଡ଼ିକୁ ରଦ୍ଦ କରିଛି। ମୋଟରଯାନ ଆଇନ ଅନୁଯାୟୀ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶଯେ, ଏସ୍‌ପି ଏସ୍‌ପି ଶର୍ବଣା ବିବେକ ଏମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାସ ଧରି ପ୍ରତିଦିନ ସହରର ତହସିଲ ଛକ, କପିଳାସ ଛକ, ଗଜପତି ଛକ ଓ କୋରାପୁଟ ଛକରେ ଚେକିଂ କରାଯାଉଛି। ହେଲ୍‌ମେଟ ବ୍ୟବହାର ନ କରିବା, ମୋବାଇଲରେ କଥା ହୋଇ ବାଇକ୍ ଚଲାଇବା, ସିଟ୍‌ବେଲ୍ଟ ବ୍ୟବହାର ନ କରି କାର ଚଲାଇବା, ମଦ୍ୟପାନ କରି ଗାଡି ଚଲାଇବାକୁ କଡାକଡି ଭବେ ଯାଞ୍ଚ କରାଯାଉଛି। ଜୁଲାଇ ମାସରେ ଏହି ଯାଞ୍ଚ କରାଯାଇ ୪୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହ ୧୩୧୩ଟି ମାମଲା ପରିବହନ ବିଭାଗ ରୁଜୁ କରିଛି। ହେଲ୍‌ମେଟ ବ୍ୟବହାର କରୁ ନ ଥିବାରୁ ୧୨୧୩ଟି ବାଇକ୍‌ରୁ ଜରିମାନା ଆଦାୟ କରାଯାଇଛି। ସେହିଭଳି ସିଟବେଲ୍ଟ ବ୍ୟବହାର କରୁ ନ ଥିବା ୩୭ଟି କାର୍‌ରୁ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ଏହାକୁ ଆହୁରି କଡାକଡି କରାଯିବ ବୋଲି ପୋଲିସ କହିଛି।



## ସୂଚନା ଅଧିକାର ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବି

# ଜିଲାପାଳଙ୍କୁ ଦେଲେ ଦାବିପତ୍ର



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ରାୟଗଡ଼ା ଅଫିସ,୧୮

ରାୟଗଡ଼ା ଜିଲା ସୂଚନା ଅଧିକାର ଅଭିଯାନ ତରଫରୁ ସୂଚନା ଅଧିକାର ସଂଶୋଧନ ବିଲ ପ୍ରତ୍ୟାହାର ଦାବିରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ସମଗ୍ର ଦେଶରେ କୌଣସି ବିତର୍କ ନ କରାଇ ଅତ୍ୟନ୍ତ ମନମୁଖୀ ଭାବେ କେନ୍ଦ୍ର ସରକାର ସଂସଦରେ ସୂଚନା ଅଧିକାର ବିଲ୍‌କୁ ପାସ କରିଛନ୍ତି। ଏହି ସଂଶୋଧନ ବିଲକୁ ସ୍ୱୀକୃତି ନ ଦେବା ପାଇଁ ପୁନଃ ବିଚାର ଲାଗି ସଂସଦକୁ ଫେରାଇ ଦେବାକୁ ନିବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ରସରକାର ଏହି ସଂଶୋଧନ ବିଲରେ କେନ୍ଦ୍ରୀୟ ସୂଚନା କମିଶନ ଏବଂ ରାଜ୍ୟ କମିଶନମାନଙ୍କ ଦରମା, ଭତ୍ତା, ଚାକିରି ସର୍ତ୍ତାବଳୀ, ନିଯୁକ୍ତି ସମୟସୀମା ଆଦି କେନ୍ଦ୍ର ସରକାର ସରକାରୀ ବିଜ୍ଞପ୍ତି ଜରିଆରେ ସ୍ଥିର କରିବେ ବୋଲି ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା କମିଶନଙ୍କ ସ୍ୱତନ୍ତ୍ରତା ଏବଂ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ। ସୂଚନା ପ୍ରଦାନ କ୍ଷେତ୍ରରେ ସୂଚନା କମିଶନ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରିବେ ନାହିଁ। ଏଥିସହ ଏହି ବିଲକୁ ରାଜ୍ୟସଭାରେ ବିଜେଡ଼ିର ସମର୍ଥନକୁ ନାପସନ୍ଦ କରାଯାଇଛି। ରାଜ୍ୟରେ ଦୀର୍ଘ ୧୨ ବର୍ଷ ଧରି ନବୀନ ସରକାର ଯେପରି ସୂଚନା ଆଇନକୁ ଅକାମୀ କରି ରଖିଛନ୍ତି। ସେହିପରି ସମଗ୍ର ଦେଶରେ ସୂଚନା ଆଇନକୁ ଅକାମୀ କରିବା ପାଇଁ ମୋଦିଙ୍କ ସହିତ ହାତ ମିଳାଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ତେଣୁ ଏହି ସଂଶୋଧନ ବିଲକୁ ସ୍ୱୀକୃତି ନ ଦେବା ପାଇଁ ଅଭିଯାନ ତରଫରୁ ରାଜ୍ୟରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାୟଗଡ଼ା ଶାଖାର ଜିଲା ଆବାହକ ସନ୍ତୋଷ ପାଢୀ, ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାୟଗଡ଼ା ଶାଖା ବରିଷ୍ଠ ଉପଦେଷ୍ଟା ତଥା ଆଇନଜୀବୀ କିଶୋର ସାହୁ, ରଜତ ରଞ୍ଜନ ଖଟୁଆ, ଜିଲା ଆବାହକ ସନ୍ତୋଷ କୁମାର ପାଢୀ, ଜିଲା ସଂଯୋଜକ ପରମାନନ୍ଦ ପ୍ରଧାନ, ସେନାପତି ସନ୍ତୋଷୀ, ଭାଗ୍ୟ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

# ଡାକ୍ତର ନିଯୁକ୍ତି ଦାବି କଲା ବରିଷ୍ଠ ନାଗରିକ ମଞ୍ଚ

ବୁଗୁଡା,୧୮(ଡି.ଏନ.ଏ)

ବୁଗୁଡ଼ା ବ୍ଲକ ବାଲିପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ନିଯୁକ୍ତି ନ ହେବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ବାଲିପଦର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଗଞ୍ଜାମ ଜିଲାପାଳ ଏବଂ ସ୍ୱାସ୍ଥ୍ୟ ସଚିବ ଭୁବନେଶ୍ୱରଙ୍କ ନିକଟକୁ ଲିଖିତ ଅଭିଯୋଗ ପତ୍ର ପ୍ରେରଣ କରାଯାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ବର୍ଷ ବର୍ଷ ଧରି କୌଣସି ଡାକ୍ତର ନିଯୁକ୍ତି ନ ହେବା ଯୋଗୁ ସ୍ୱାସ୍ଥ୍ୟସେବା ଠପ୍ ହୋଇଛି। ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଅଞ୍ଚଳବାସୀ, ବାଲିପଦର ବରିଷ୍ଠ ନାଗରିକ ମଞ୍ଚ, ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରିଲା ନାହିଁ। ଏଠାରେ ଡାକ୍ତର ଅଭାବ ଯୋଗୁ ଲୋକମାନେ ବୁଗୁଡ଼ା, ଆସିକା ଏବଂ ବ୍ରହ୍ମପୁର ମେଡିକାଲ ଉପରେ ନିର୍ଭର କରିଥାନ୍ତି।

ତେଣୁ ଶୀଘ୍ର ଡାକ୍ତର ନିଯୁକ୍ତି ପାଇଁ ବାଲିପଦର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି କେ. କୃଷ୍ଣମୂର୍ତ୍ତି ଆଚାରୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛନ୍ତି। ଏହାର କିଛି ପ୍ରତିକାର ନ ହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଅବଲମ୍ବନ କରିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ■ ଖବର ପ୍ରକାଶ ପରେ

# ପ୍ରତିକ୍ରିୟାଶୀଳ ହୋଇଉଠିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ

**ପ୍ରଶାସନର ଘରୋଇ ଅନୁଷ୍ଠାନ ପ୍ରୀତି ଘଟଣା**

ଗୁଣପୁର,୧୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବୁଧବାର ମେଧାବୀ ବିଦ୍ୟାର୍ଥୀ ଓ ନିର୍ଦ୍ଦିଷ୍ଟ ଏକ ଘରୋଇ ଅନୁଷ୍ଠାନକୁ ସମ୍ବର୍ଦ୍ଧନା କରାଯିବା ନେଇ ଗୁରୁବାର ଏକ ଖବର ପ୍ରକାଶ ପାଇଥିଲା। ଏ ନେଇ ସମ୍ପୃକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଯାହାକୁ ନେଇ ସୋସିଆଲ ମିଡିଆରେ ସମ୍ପୃକ୍ତ ଅନୁଷ୍ଠାନକୁ ନିନ୍ଦିତ ହେବାକୁ ପଡିଛି। ତରବରିଆ ଭାବେ ପ୍ରଶାସନ ପକ୍ଷରୁ ମାଟ୍ରିକ ଏବଂ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇରେ ଟପ୍ପର ହୋଇଥିବା ଏକ ଘରୋଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ହେଲେ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ସୋସିଆଲ ମିଡିଆରେ ମନ୍ତବ୍ୟ ପରେ ଏହି କାର୍ଯ୍ୟକ୍ରମ ଏବେ ବିବାଦୀୟ ହୋଇପଡିଛି। ପ୍ରଶାସନର ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିବାବେଳେ ଘରୋଇ ଅନୁଷ୍ଠାନର ମନ୍ତବ୍ୟ କାର୍ଯ୍ୟକ୍ରମ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଛାତ୍ରୀଛାତ୍ର ଟପ୍ପର ହେବେ ତେବେ ଏହାର ଶ୍ରେୟ ଅନୁଷ୍ଠାନକୁ ଯିବା ନିଶ୍ଚିତ। ପୂର୍ବରୁ ଗୁଣପୁରର ବହୁ ଅନୁଷ୍ଠାନର ଛାତ୍ରୀଛାତ୍ର ଜିଲା ସହ ବିଶ୍ୱବିଦ୍ୟାଳୟଏବଂ ରାଜ୍ୟରେ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଳି ତିନି ଦଶନ୍ଧିର ଅନୁଷ୍ଠାନ ହେଉକି ୪ ଦଶନ୍ଧିର ଗୁଣପୁର କଲେଜ, ନତୁବା ଗୁଣପୁରଠାରେ ଥିବା ଦୁଇ ଦଶନ୍ଧିର ଏକ ବୈଷୟିକ ବିଶ୍ୱବିଦ୍ୟାଳୟ। ଏହି ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ କେବେ ସମ୍ବର୍ଦ୍ଧନା କରାଯାଇ ନାହିଁ କି, ଏହାର କର୍ମକର୍ତ୍ତାଙ୍କୁ କେବେ ବି ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇନାହିଁ। ଏସବୁ କିଛି ବର୍ଷର ଅନୁଷ୍ଠାନ ନ ଜାଣି ସୋସିଆଲ ମିଡିଆରେ ମନ୍ତବ୍ୟ ଦେବା ଘଟଣା ଗୁଣପୁରବାସୀଙ୍କ ପାଇଁ ବିଡମ୍ବନାର ବିଷୟ ହୋଇଛି। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଯୁକ୍ତ ଦୁଇ ବିଜ୍ଞାନ ଏବଂ ମାଟ୍ରିକରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଏକ ଘରୋଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ହେଲେ ଯୁକ୍ତ ଦୁଇ କଳାରେ ଟପ୍ପର ହୋଇଥିବା ଡମ୍ବସରା କଲେଜ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରାଯାଇଥିଲା। ଏପରିକି କଳାରେ ଟପ୍ପର ହୋଇଥିବା ସରକାରୀ ଅନୁଷ୍ଠାନ ହେଉକି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପରିଚାଳନା ସମିତିକୁ ମଧ୍ୟ ସମ୍ମାନିତ କରାଗଲା ନାହିଁ। ପ୍ରଶାସନର ଏପରି ତ୍ରୁଟି ପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ■ ୫ବର୍ଷ ହେଲା ନାହାନ୍ତି ଡାକ୍ତର

# ଫାର୍ମାସିଷ୍ଟଙ୍କ ହାତରେ ୫୦ ଗାଁର ସ୍ୱାସ୍ଥ୍ୟସେବା

ମୁନିଗୁଡ଼ା, ୧୮(ଡି.ଏନ୍.ଏ.)

୫ ବର୍ଷ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର। ଏବେ ଫାର୍ମାର୍ଶିଷ୍ଟଙ୍କ ହାତରେ ୫୦ ଗ୍ରାମାବାସୀଙ୍କ ସ୍ୱାସ୍ଥ୍ୟସେବା। ଏହା ହେଉଛି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜଗଦଲପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା। ଜରୁରୀକାଳୀନ ସ୍ଥିତିରେ ଲୋକେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ବିଭିନ୍ନ ସମୟରେ ଏଠାରେ ଡାକ୍ତରଙ୍କୁ ନିଯୁକ୍ତି ଦିଆ ଯାଉଥିଲେ ସୁଦ୍ଧା ଖୁବ୍ ଅଳ୍ପ ଦିନରେ ଅନ୍ୟତ୍ର ଡେପୁଟେଶନ କିମ୍ବା ପିଜି କରିବାକୁ ଚାଲି ଯାଆନ୍ତି।

୫ବର୍ଷ ପୂର୍ବେ ଏଠାରେ ଡାକ୍ତର ଭାବେ ସୌଭାଗ୍ୟ ସୁଲଭ ଛୋଟରାୟ ଜଗଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିଲେ। କିନ୍ତୁ କିଛି ଦିନ ପରେ ସେ ପିଜି କରିବାକୁ ଅନ୍ୟତ୍ର ଚାଲି ଯାଇଥିଲେ। ପରେ ଏକମାତ୍ର ଫାର୍ମାର୍ଶିଷ୍ଟଙ୍କୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଫାମାଶିଷ୍ଟ ଜଣଙ୍କ ଗର୍ଭବତୀ, ଶିଶୁଙ୍କ ସମେତ ସମସ୍ତ ଛୋଟ ବଡ଼ ରୋଗକୁ ଏଠାରେ ଦେଖିଥାନ୍ତି। ଦିନକୁ ମାତ୍ର ୨ଘଣ୍ଟା(ସକାଳ ୧୦ରୁ ୧୨ଟା ପର୍ଯ୍ୟନ୍ତ) ଡାକ୍ତରଖାନା ଖୋଲା ଯାଇଥାଏ। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫୦ ଗ୍ରାମବାସୀ ନିର୍ଭର କରିଥାନ୍ତି। ଅନେକ ସମୟରେ ଡାକ୍ତରଖାନା ବନ୍ଦ ଥିଲେ ରୋଗୀମାନେ ୨୫କିମି ଦୂରରେ ଥିବା ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ବର୍ତ୍ତମାନ ଜଣେ ପିଅନ ଓ ଫାମାର୍ଶିଷ୍ଟରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଏଠାରେ ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ବୋଲି ଗ୍ରାମର ଅରି କରକରିଆ, ଅଭିମନ୍ୟୁ ସୁନାବାଡ଼ି, ରାମଚନ୍ଦ୍ର ପଧାନୀ ପ୍ରମୁଖ କହିଛନ୍ତି। ଏ ନେଇ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ସଞ୍ଜୟ କୁମାରଙ୍କୁ ପଚାରିବାରୁ, ସିଡଏମ୍‌ଓଙ୍କୁ ଜଣାଇବି ସେ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି। ଜିଲା ପରିଷଦ ବୈଠକରେ ଜିଲାପାଳ ଓ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମୁନିଗୁଡ଼ା ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା କହିଛନ୍ତି। ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି ଦିଆଯାଉ ବୋଲି ସ୍ଥାନୀୟ ଜଗଦଲପୁର, ସର୍ଦ୍ଧାପୁର ଓ ଶିବପଦର ପଞ୍ଚାୟତବାସୀ ଦାବି କରିଛନ୍ତି।



ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

■ ଆଦର୍ଶ ବିଦ୍ୟାଳୟ ଛାଡୁଛନ୍ତି ଛାତ୍ରୀଛାତ୍ର

# ୪ ବର୍ଷ ହେଲା ପ୍ରତିଶ୍ରୁତି ପୂରଣ ହେଲାନି

**ଗୋଷାଣୀ, ୧।୮ (ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ୍ ଲିଙ୍ଗିପୁର ଆଦର୍ଶ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ବିଦ୍ୟାଳୟ ଆରମ୍ଭ ହେବା ସମୟରେ ସରକାର ଦେଇଥିବା ପ୍ରତିଶ୍ରୁତିପୂରଣ କରିନଥିବାରୁ ଅଭିଭାବକମାନେ ଏବେ ଏହି ବିଦ୍ୟାଳୟରୁ ନିଜ ପିଲାଙ୍କୁ ବାହାର କରି ନେଉଛନ୍ତି। ଜଣକ ପରେ ଜଣେ ପିଲା ନିଜ ପ୍ରମାଣପତ୍ର ଧରି ଏଠାରୁ ଚାଲିଯିବା ଘଟଣା ବିଦ୍ୟାଳୟର ଅସଲ ଚିତ୍ରକୁ ପଦାରେ ପକାଇଛି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଗ୍ୟତା ପରୀକ୍ଷା ହେଉଥିବାବେଳେ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାପରେ ପିଲା ଏଠାରେ ନାମଲେଖାର ସୁଯୋଗ ପାଇଥାନ୍ତି। ହେଲେ ଏଠାରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯୋଗୁ ଗୁରାଣ୍ଡି ଗ୍ରାମର ଶିଶିର କୁମାର ଜେନା ଭୋଳାନାଥ ପାତ୍ର ଓ ସୁରେନ୍ଦ୍ର ଚୌଧୁରୀ ନିଜ ପିଲାଙ୍କୁ ବିଦ୍ୟାଳୟରୁ ବାହାର କରି ନେଇଥିବା ଜଣାପଡ଼ିଛି। ତେବେ ଏହାର କାରଣ ସମ୍ପର୍କରେ ଆଲୋଚନାବେଳେ ଜଣାପଡ଼ିଛିଯେ, ଉଭୟ ଛାତ୍ରୀ ଓ ଛାତ୍ରଙ୍କ ପାଇଁ ହଷ୍ଟେଲ୍ ସୁବିଧା ରହିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ବିଦ୍ୟାଳୟ ଆରମ୍ଭ ହୋଇ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆଭାବେ ପଡ଼ିରହିଛି। ଯଦ୍ବାରା ପ୍ରତିଦିନ ପିଲାଙ୍କୁ ଯିବାଆସିବା କରିବାରେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାବେଳେ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ସମସ୍ୟା କେବଳ ଏତିକି ନୁହେଁ, ଏଠାରେ ନିଯୁକ୍ତ ଶିକ୍ଷକମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ଭଲ ପାଠପଢ଼ା ମଧ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ବିଦ୍ୟାଳୟରୁ ବାହାର କରି ଅନ୍ୟତ୍ର ନାମ ଲେଖାଇବା ପାଇଁ ଯୋଜନା କରିଥିବା କହିଛନ୍ତି। ତେବେ କେବଳ ଏମାନେ ନୁହନ୍ତି, ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ସେମାନଙ୍କ ଅଭିଭାବକ ଆଦର୍ଶ ବିଦ୍ୟାଳୟରୁ ବାହାର କରି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି କହିବାକୁ ମନା କରିଦେଇଥିବାବେଳେ ବ୍ଲକ୍ ଶିକ୍ଷାଧିକାରୀ ଠାକୁର ପ୍ରସାଦ ସିଂ ଏହା ଆମ ନୟନ୍ତ୍ରଣରେ ନାହିଁ ବୋଲି କହିଛନ୍ତି। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଜରୁରୀ ହୋଇପଡ଼ିଛି। ନଚେତ୍ ପିଲା କମ୍ ଯୋଗୁ ଏହି ବିଦ୍ୟାଳୟ ମଧ୍ୟ ବନ୍ଦ ହେବା ପରିସ୍ଥିତି ଉପୁଜିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

■ ବର୍ଷାଦିନରେ ବି ପାନୀୟ ଜଳ ସଙ୍କଟ

# ୪୦ ପରିବାର ପାଇଁ ଗୋଟିଏ ନଳକୂପ



ପାଣି ପାଇଁ ଗ୍ରାମବାସୀ ନଳକୂପ ନିକଟରେ ଅପେକ୍ଷା କରିଛନ୍ତି।

**ପାରଳାଖେମୁଣ୍ଡି, ୧।୮ (ସ୍ୱ.ପ୍ର.)**

ବର୍ଷଦିନରେ ବି ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଗୋଟିଏ ନଳକୂପ ଉପରେ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଛନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଗଜପତି ଜିଲା ଗୁମ୍ମା ବ୍ଲକର ବିଡୁଆ ଗ୍ରାମରେ ପାରଳାଖେମୁଣ୍ଡି ସହର ଉପକଣ୍ଠ ଏହି ଗ୍ରାମରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ହେଲେ ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଥିବା ଯୋଗୁ ପାନୀୟ ଜଳ ପାଇଁ ସଂପୂର୍ଣ୍ଣ ଗ୍ରାମ ଏହା ଉପରେ ନିର୍ଭରଶୀଳ। ସମସ୍ୟା ଏପରି ଯେ, ଦିନ ତମାମ୍ ହାଣ୍ଡି, ମାଠିଆଧରି ନଳକୂପ ନିକଟରେ ଲମ୍ବାଧାଡ଼ିରେ ରହିବାକୁ ପଡୁଛି। ଘଣ୍ଟା ଘଣ୍ଟା ଅପେକ୍ଷା ଫଳରେ କିଛି ପରିବାର କାମକୁ ନ ଯାଇ ପାଣି ଅପେକ୍ଷାରେ ରହିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। ସରକରଙ୍କ ପକ୍ଷରୁ ଗାଁ ଗାଁକୁ ଜଳ ଯୋଗାଇବାପାଇଁ ଅନେକ ଯୋଜନା କରାଯାଇଉଥିଲେ ମଧ୍ୟ ସଦର ମହକୁମା ଠାରୁ ମାତ୍ର କିଛି କଲୋମିଟର ଦୂରରେ ରହିଥିବା ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ତେଣୁ ତୁରନ୍ତ ଗ୍ରାମରେ ଆଉ ଏକ ନଳକୂପ କିମ୍ବା ପାନୀୟ ଜଳ ପାଇଁ ଅନ୍ୟ ଉତ୍ସ ସ୍ଥାପନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବି. କ୍ରିଷ୍ଣା, ୟୁ. ମୋହନ ରାଓ, କେ. ଶ୍ରୀନିବାସ ପଟ୍ଟନାୟକ, ଏସ୍. ମହାଲକ୍ଷ୍ମୀ, ଏସ୍. ଜୟଲକ୍ଷ୍ମୀ, ୟୁ. ନାରାୟଣ ପ୍ରମୁଖ ଦାବି କରିଛନ୍ତି।

# ଅପରେଶନ୍ ପରୀ-୩, ୨୬ ଶିଶୁ ଉଦ୍ଧାର

**ପାରଳାଖେମୁଣ୍ଡି, ୧।୮ (ସ୍ୱ.ପ୍ର.)**

ଅପରେଶନ ପରୀ-୩ରେ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ୨୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ସୂଚନା ମିଳିଛି। ଜୁନ୍ ୩୦ରୁ ଆରମ୍ଭ ହୋଇଥିବା ଏହି ଅପେରେଶନ୍‌ରେ ଏ ପର୍ଯନ୍ତ ଅଡବା ଥାନା ଅଞ୍ଚଳରୁ ୬ଜଣ, ମୋହନା ଅଞ୍ଚଳରୁ ୬ଜଣ, ଗରାବନ୍ଧ ଅଞ୍ଚଳରୁ ଜଣେ, ପାରଳାଖେମୁଣ୍ଡି ଥାନା ପକ୍ଷରୁ ୪ଜଣ ଏବଂ ପରୀ ଅପରେଶନ ପାଇଁ ଗଠିତ ସ୍ୱତନ୍ତ୍ର ସ୍କାର୍ଡ ଦ୍ୱାରା ୮ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଇନ୍ସପେକ୍ଟର ରବୀନ୍ଦ୍ର ନାଥ ପାତ୍ର ଓ ଏସ୍‌ଆଇ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଅପରେଶନ୍ ପରୀ ଟିମ୍ ଗଠନ କରାଯାଇଛି। ଟିମ୍ ଜିଲାର ଯେ କୌଣସି ଥାନା ଅଞ୍ଚଳରୁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିପାରିବ। ଏହି ଅପରେଶନ୍‌ରେ ବିଭିନ୍ନ ହୋଟେଲ, ବାର୍, କାରଖାନା, ଗ୍ୟାରେଜ୍ ଆଦି ବ୍ୟବସାୟ ପ୍ରତିଷ୍ଠାନରୁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବ। ୧୩ ତାରିଖ ପର୍ଯ୍ୟନ୍ତ ଏହି ଅପରେଶନ୍ ଚାଲିବ ବୋଲି ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ରାହୁଲ ଓ ହିରଣ୍ୟ ରାୟ ସୂଚନା ଦେଇଛନ୍ତି।

ଗଜପତି ପୋଲିସ ପକ୍ଷରୁ 'ଉଡାନ୍' କାର୍ଯ୍ୟକ୍ରମର ଶୁଭାରମ୍ଭ

# ୨୦ ଦିନରେ ୫୦୦ ବେକାରଙ୍କୁ ଦିଆଯିବ ତାଲିମ୍

**ପାରଳାଖେମୁଣ୍ଡି, ୧।୮ (ସ୍ୱ.ପ୍ର.)**

ଗଜପତି ପୋଲିସ ପକ୍ଷରୁ ସହର ଉପକଣ୍ଠ ବେତାଗୁଡ଼ା ରିଜର୍ଭ ପୋଲିସ ପଡ଼ିଆରେ ଗୁରୁବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଉଡାନ'ର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଜପତି ଏସ୍‌ପି ସାରା ଶର୍ମା ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ବେକାର୍ ଯୁବତୀ, ଯୁବକମାନେ ଉପକୃତ ହୋଇପାରିବେ ବୋଲି ସେ ଏଠାରେ କହିଥିଲେ। ୨୦ ଦିନ ଧରି ହେବାକୁଥିବା ଏହି ତାଲିମ୍ କାର୍ଯ୍ୟକ୍ରମରେ ସେନାବାହୀନି, ଅର୍ଦ୍ଧ ସାମରିକ ବାହୀନି ଓ ପୋଲିସ ଚାକିରୀ ପାଇଁ ଅବଶ୍ୟକ ସମସ୍ତ ତାଲିମ୍ ଏଠାରେ ଦିଆଯିବ। ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ତାଲିମ୍ କାର୍ଯ୍ୟକ୍ରମରେ ୫ଶହ ବେକାର ଯୁବତୀ, ଯୁବକ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ଏଠାରେ ତାଲିମ୍ ପାଇ ସେନାବାହିନୀ, ଅର୍ଦ୍ଧସାମରିକ ବାହୀନି ଓ ପୋଲିସରେ ଯେପରି ସହଜରେ ଭର୍ତ୍ତୀ ହୋଇପାରିବେ ସେହି ଲକ୍ଷରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାପଡିଛି। ଏହାଦ୍ୱାରା ଜିଲାର ଅନେକ ବେକାର ଯୁବତୀ, ଯୁବକ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିବେ ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏପରି କାର୍ଯ୍ୟକ୍ରମ ପ୍ରଥମ ଥରପାଇଁ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସ, ଡିଏସ୍‌ପି ପ୍ରକାଶ ଚନ୍ଦ୍ର ଜେନା, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନାଗା, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

**ରାୟଗଡ଼(ଗଜପତି), ୧।୮ (ଡି.ଏନ୍.ଏ.):**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ସଦରରେ ଗୁରୁବାର ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ଅଙ୍ଗନଓ୍ୱାଡ଼ି ଓ ଆଶାକର୍ମୀମାନେ ହାତରେ ପ୍ଲାକାର୍ଡ଼ ଧରି ନଗର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ୍ ମାଧ୍ୟରେ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ।






FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BERHAMPUR: Arya TVS, Ph: 9692492412; PHULBANI: Sai Sree TVS, Ph: 918660747708, Authorised Dealers: Bhanjnagar, Palo Motors, Ph: 9437325159; Purushottampur, Dakhinakali Motors, Ph: 9337662970; Gunupur, Jaya Motors, Ph: 9437338450; Aska, Sang Motors, Ph: 9040446837; Chikiti, Maa Bala Kumari Motors, Ph.: 9437626215; Paralakhemundi, Ujwaleswar Motors, Ph: 06815-223055, 8895876466; Polosara, Palo Automobiles, Ph: 9861838393, 06810-282488; Chatrapur: Sairam Motors, Ph: 9438054346; Digapahandi, Maa Balakumari Motors, Ph: 9437626215; Hinjilikatu, Maa Bhubaneswari Motors, Ph: 9937296473; Sheragada, Hrushikesh Motors, Ph: 8917518476; Maa Mangala Auto, G Udayagiri, Ph: 9437107664; Baliguda, Maa Lalita Motors, Ph: 7657016100; Rambha, Shan Motors, Ph: 7978721993.




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ